## ଅନ୍ନପୂର୍ଣ୍ଣା ପୂଜା କମିଟିର ନୂତନ କର୍ମକର୍ତ୍ତା

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼ ସହରରେ ୫୭ତମ ଅନ୍ନପୂର୍ଣ୍ଣା ପୂଜନୋତ୍ସବ ନେଇ ଶୁକ୍ରବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ପୂଜା କମିଟି ସଭା ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରତିବର୍ଷ ଭଳି ମା'ଙ୍କ ପୂଜା ମହାସମାରୋହରେ ପାଳନ କରିବାକୁ ଆଲୋଚନା ହୋଇଥିଲା। ଏନେଇ ନୂତନ କମିଟି ସଭାପତି ଭାବରେ ନସିଦ ରଣା, ସମ୍ପାଦକ ଶଙ୍କରି ରାଓ, କୋଷାଧକ୍ଷ ସଦାନନ୍ଦ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଦସ୍ୟ ପଙ୍କଜ ଅଗ୍ରୱାଲ, ସୌମ୍ୟରଞ୍ଜନ ଦୋରା, ଅଙ୍କୁର ଦୀପ, ନାରାୟଣ ନାଗ, ଆଶିଷ ବେହେରା, ପିଙ୍କୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଡ଼କାୟତି ଘଟଣାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ

**ଲାଠୋର,୧୩।୯(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଫୁଲଝର ଛକଠାରେ ହୋଇଥିବା ଏକ ଡକାୟତି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । କୋର୍ଟ ଚାଲାଣ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଫୁଲଝର ଗ୍ରାମର ଦିବାକର ବିଭାର(୨୩) ଏବଂ ବିଭେଷଣ ବିଭାର(୨୪) । ଗତ ୬ ତାରିଖ ଅପରାହ୍ନରେ ତୁରେକେଲା ଥାନା ଅଧୀନ ମଲିକଦୋରୋ ଗ୍ରାମର ହନୁ ମାଝୀ ତାଙ୍କ ସମ୍ପର୍କୀୟଙ୍କ ବାଇକ୍ ଯୋଗେ ଖପ୍ରାଖୋଲ ଥାନା ଓଡ଼ିଆପାଲି ଗ୍ରାମରୁ ଫେରୁଥିଲେ । ତେବେ ଲାଠୋର ଥାନା ଫୁଲଝର ଗ୍ରାମ ଛକଠାରେ ଦିବାକର ଏବଂ ବିଭେଷଣ ହନୁଙ୍କୁ ଅଟକାଇ ମାଡ଼ ମାରିବା ସହ ଭୟଭୀତ କରି ତାଙ୍କ ଠାରୁ ବାଇକ୍ ଏବଂ ନଗଦ ୩ ହଜାର ଟଙ୍କା ଛଡାଇ ନେଇ ଯାଇଥିଲେ । ହନୁ ଏନେଇ ଲାଠୋର ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସଂପୃକ୍ତ ଅଭିଯୁକ୍ତଙ୍କ ଠାରୁ ବାଇକ୍ ଏବଂ ନଗଦ ୩ ହଜାର ଟଙ୍କା ଜବତ କରାଯାଇଛି । ଅଭିଯୁକ୍ତମାନଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି ।

# ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ

**ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)**


ବଲାଙ୍ଗୀର ଜିଲାସ୍ତରୀୟ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଯୋଜନା ଉପଯୋଗ ପାଇଁ ପରାମର୍ଶ ଶିବିରରେ ମଞ୍ଚାସୀନ ଅଧିକାରୀ ।

**ଜିଲାସ୍ତରୀୟ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଯୋଜନା ଉପଯୋଗ ପରାମର୍ଶ ଶିବିର**

ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଶିଶୁମାନଙ୍କ ପାଇଁ ଜିଲାସ୍ତରୀୟ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ଯୋଜନା ଉପଯୋଗ ପାଇଁ ପରାମର୍ଶ ଶିବିର ଶୁକ୍ରବାର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ବିକାଶ ଓ ଯୋଜନା କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଅଧକ୍ଷତା କରିଥିଲେ । ଶିଶୁମାନଙ୍କ ବିକାଶରେ ଗ୍ରାମ ପଞ୍ଚାୟତସ୍ତରୀୟ ଶିଶୁ ମଙ୍ଗଳ ସୁରକ୍ଷା କମିଟି, ବ୍ଲକସ୍ତରୀୟ ଶିଶୁ ମଙ୍ଗଳ ସୁରକ୍ଷା କମିଟି, ଜିଲାସ୍ତରୀୟ ଶିଶୁ ମଙ୍ଗଳ ସୁରକ୍ଷା କମିଟି ମଧ୍ୟରେ ସମନ୍ୱୟ ରକ୍ଷା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ଶିବିରରେ ଆଲୋଚନା କରାଯାଇଥିଲା । ବିଭିନ୍ନ ସମସ୍ୟାରେ ଥିବା ଶିଶୁ ଯଥା ପିତୃମାତୃହୀନ, ପରିତ୍ୟକ୍ତ,ଏଚଆଇଭି ଓ ଏଡ୍ସ ସଂକ୍ରମିତ, ଅସମର୍ଥ ଥିବା ପିତାମାତାଙ୍କ ଶିଶୁଙ୍କ ପାଇଁ ଏହି ଶିବିରରେ ଆଲୋଚନା ହୋଇଥିଲା । ଜିଲା ପଞ୍ଚାୟତ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଜିଲାରେ ଶିଶୁଙ୍କ ପାଇଁ ସାମୟିକ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଗ୍ରାମ ପଞ୍ଚାୟତରେ ଥିବା ଗ୍ରାମ ପଞ୍ଚାୟତ ଉନ୍ନୟନ ପାଣ୍ଠିର ବାର୍ଷିକ ଯୋଜନା ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମରେ ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ ଲମ୍ବୋଦର ଦୀପ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟରେ ଅବସ୍ଥାପିତ ଅରୁଣା- ସିଆରଏସ ସଂସ୍ଥାର ଜିଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଗ୍ରାମ ପଞ୍ଚାୟତ ବିକାଶ ଯୋଜନାର ପିପିଟି ମାଧ୍ୟମରେ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଅଣ-ଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର, ଆଇନ ପରାମର୍ଶଦାତା ଦିଗାମ୍ବର କର ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ମତାମତ ପ୍ରଦାନ କରିଥିଲେ । ଏହି ଶିବିରରେ ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ, ପ୍ରୋଗ୍ରେସିଭ ଆସିଷ୍ଟାଣ୍ଟ, ଶିଶୁ ଯତ୍ନ ଅନୁଷ୍ଠାନ, ପୋଷ୍ୟସନ୍ତାନ ଗ୍ରହଣ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନର ୱାସିଡିଏ, ରେଆର, ଦୟାସାଗର ଟ୍ରଷ୍ଟ, ସ୍ମାଇଲ ଫର୍ ଅଲ ଫାଉଣ୍ଡେଶନ, ଏଫ୍ଏଚ୍ଡି ଇଣ୍ଡିଆ, ଉତ୍କଳ ସେବକ ସମାଜ, ୱାଇସିଡିଏର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଜିଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ କୁମାର ଖୁଆସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବିଇଓଙ୍କ ପରେ ବିଇଓ କଲେ ତଦନ୍ତ

**ଲୋଇସିଂହା,୧୩।୯(ସୁଶାନ୍ତ ବାରିକ)**

**କୁମୁଣ୍ଡେ ବିଦ୍ୟାଳୟ ଅବ୍ୟବସ୍ଥା ପ୍ରସଙ୍ଗ**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରୀ ଅନୁଦାନ ଆତ୍ମସାତ ସାଙ୍ଗକୁ ନାନା ଅବ୍ୟବସ୍ଥା ଲାଗି ରହିଥିବା ନେଇ ଗତ ୩ ତାରିଖରେ ଗ୍ରାମବାସୀ ବିଇଓଙ୍କ ନିକଟରେ ଫେରାଦ ହୋଇଥିଲେ । ବିଇଓଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ତଦନ୍ତ ପାଇଁ ଆସିଥିଲେ । କିନ୍ତୁ ପଣ୍ଡାଙ୍କ ତଦନ୍ତ ପ୍ରକ୍ରିୟାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପରେ ବୁଧବାର ବିଇଓ ନାରାୟଣ ମିଶ୍ର ଉକ୍ତ ସ୍କୁଲକୁ ତଦନ୍ତ ପାଇଁ ଆସିଥିଲେ । ତଦନ୍ତ ବେଳେ ବିଭିନ୍ନ ଅନିୟମିତତା ସଂକ୍ରାନ୍ତରେ ପରିଚାଳନା କମିଟି ସଭ୍ୟ, ଅଭିଭାବକ, ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଚରାଉଚରା କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଏବଂ ତଦାରଖ ପରେ ମଧ୍ୟାହ୍ନ ଭୋଜନରେ ଉନ୍ନତି ଆସିଥିବା ବିଦ୍ୟାଳୟର ଛାତ୍ରୀଛାତ୍ର, ପାଚିକା, ସହକାରୀ ଶିକ୍ଷକ ପ୍ରମୁଖ ବିଇଓଙ୍କୁ ଜଣାଇଥିଲେ । ଅଭିଯୋଗ ପୂର୍ବରୁ ବିଦ୍ୟାଳୟର ୭୦ ଭାଗ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନକୁ ନାପସନ୍ଦ କରି ଘରକୁ ଚାଲି ଯାଉଥିବା ବିଦ୍ୟାଳୟର ସହକାରୀ ଶିକ୍ଷକ ତଦନ୍ତ ବେଳେ ବିଇଓଙ୍କୁ ଜଣାଇଥିଲେ । ଏହି ଘଟଣା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚଳିତ ମାସ ୩୦ ତାରିଖ ଯାଏ ଛୁଟିରେ ରହିଛନ୍ତି । ହେଲେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକଙ୍କୁ ସ୍କୁଲର କେତେକ ଚାବି ହସ୍ତାନ୍ତର କରାଯାଇନାହିଁ । ଏଣୁ ତଦନ୍ତ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିବାରୁ ବିଇଓ କ୍ଷୋଭ ପ୍ରକାଶ କରିଥିଲେ । ତଦନ୍ତ ସମୟରେ ସେଠାରେ ଉପସ୍ଥିତ ମେଣ୍ଡା ସିଆରସିସିଙ୍କୁ ପ୍ରଧାନ ଶିକ୍ଷକଙ୍କ ଠାରୁ ଚାବି ଆଣି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଛୁଟିରେ ଥିବା ପ୍ରଧାନଶିକ୍ଷକ ଯଦି ଚାବି ଦେଉନାହାନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ ମିଶ୍ର ପ୍ରକାଶ କରିଛନ୍ତି । ଏହାଛଡା ଗ୍ରାମବାସୀଙ୍କ ଅଭିଯୋଗ ଓ ଦାବି ଅନୁଯାୟୀ ବିଦ୍ୟାଳୟ ଅନିୟମିତତାରେ ସଂପୃକ୍ତ ପ୍ରଧାନଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ଖୁବଶୀଘ୍ର ଅନ୍ୟତ୍ର ବଦଳି କରାଯିବ ବୋଲି ଏହି ଅବସରରେ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ଜଣାଇଛନ୍ତି ।

# ସ୍ୱେଚ୍ଛାସେବୀ ଯୁବ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ପାଟଣାଗଡ,୧୩।୯(ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ ବ୍ଲକ ଅନ୍ତର୍ଗତ ବରପଦର ପଞ୍ଚାୟତ କୁତମୁଣ୍ଡା ଗ୍ରାମରେ ସ୍ୱେଚ୍ଛାସେବୀ ଯୁବ ସଂଘ ପକ୍ଷରୁ ନୂଆଁଖାଇ ଜୁହାର ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସଞ୍ଜୀବ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅକ୍ଷୟ ନାଗ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ଗୋପୀନାଥ ମେହେର ଓ ସମ୍ମାନିତ ଅତିଥି ଭାବେ ପବିତ୍ର କୁମ୍ଭାର, କୁଳମଣି ମେହେର ଓ ଦୟାନିଧି ମେହେର ଯୋଗଦେଇଥିଲେ । ପ୍ରଥମେ ମା' ସମଲେଶ୍ୱରୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଗାଁର ଝାଙ୍କର ପୂଜାର୍ଚ୍ଚନା କରିଥିଲେ । ଏହିଅବସରରେ ଅତିଥିମାନେ ନୂଆଁଖାଇ ଜୁହାର ଭେଟଘାଟ ପରମ୍ପରା ବିଷୟରେ ମତବ୍ୟକ୍ତ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗ୍ରାମର ଗଙ୍ଗାଧର ମେହେର, ଗବର ନାଗ, ପ୍ରଶାନ୍ତ ସାହୁ ଏବଂ ଗୋବିନ୍ଦ ଦେହେରୀଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା । ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଜଗନ୍ନାଥ ମେହେର, ଶଙ୍କର ଦେହେରୀ, ଧୋବାଇ ମଲ୍ଲିକ, ପ୍ରହ୍ଲାଦ ଚନ୍ଦନ, ପ୍ରଶାନ୍ତ ସାହୁ, ଡାକ୍ତର କୁମ୍ଭାର, ସ୍ୱାଧୀନ ଦେହେରୀ, ନରେଶ ଛତର, ପରାଧୀନ ଦେହେରୀ, ପ୍ରହ୍ଲାଦ କୁମ୍ଭାର, କାର୍ତ୍ତିକ ସେଟ, ଶିବ ପଟେଲ, ସରୋଜ ମେହେର, ସମୀର ମେହେର, ଭଜରାଜ ଖୁଟଲା, ରବି ନାଗ, କୈବଲ କୁମ୍ଭାର, ସିକନ୍ଦର ନାଗ,ରାଜୁ ଦେହେରୀ, ଧିରୋଜ ମେହେର, ଆଶିଷ ମେହେର, ପ୍ରଦିପ ମେହେରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଭେଲାରାମ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ଠାରୁ ଟଙ୍କା ଆଦାୟ ଅଭିଯୋଗ

**ଲୋଇସିଂହା,୧୩।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡସ୍ଥିତ ଏକ ଜନସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ଠାରୁ ଟଙ୍କା ଆଦାୟ କରାଯିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ଲୋଇସିଂହା ପୋଲିସ ସେହି ଜନସେବା କେନ୍ଦ୍ରରେ ଚଢ଼ାଉ କରି କେନ୍ଦ୍ରର ଜଣେ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ଏହାଛଡା ସେଠାରେ ଥିବା ଅନ୍ୟ ଜନସେବା କେନ୍ଦ୍ର କର୍ମଚାରୀଙ୍କୁ ଥାନାକୁ ଡ଼ାକି ତଦନ୍ତ ଚଳାଇଛି ପୋଲିସ । ସୂଚନା ଅନୁଯାୟୀ, ସୁଭଦ୍ରା ଯୋଜନା ପାଇଁ ମହିଳାଙ୍କ କ୍ଷେତ୍ର ରେ ବେଶ ଆଗ୍ରହ ପ୍ରକାଶ ପାଇଛି । ଅଙ୍ଗନବାଡ଼ି କେନ୍ଦ୍ରରେ ଫର୍ମ ବଣ୍ଟନ ପରେ ଜନ ସେବା କେନ୍ଦ୍ରରେ ଦେୟମୁକ୍ତ ଆବେଦନ କରିପାରିବେ ବୋଲି ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ହେଲେ ଏହାକୁ ଖାତିର ନ କରି କେତେକ ଜନସେବା କେନ୍ଦ୍ରରେ ବିଭିନ୍ନ ବାହାନା କରି ଆବେଦନକାରୀଙ୍କ ଠାରୁ ୫୦ ରୁ ୧୦୦ ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ଫାସଡଠାରେ ଥିବା ଉକ୍ତ ଜନସେବା କେନ୍ଦ୍ରରେ ଜଣେ ମହିଳାଙ୍କ ଠାରୁ ୧ ଶହ ଟଙ୍କା ଦାବି କରାଯାଇଥିଲା । ଏନେଇ ସଂପୃକ୍ତ ମହିଳା ବ୍ଲକ ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ । ପ୍ରଶାସନ ନିର୍ଦ୍ଦେଶରେ ଲୋଇସିଂହା ପୋଲିସ ସେଠାରେ ଚଢ଼ାଉ କରି ଜଣେ କର୍ମଚାରୀଙ୍କୁ ଥାନାକୁ ଆଣିଥିବା ଜଣାଯାଇଛି । ଜଣେ ଶିକ୍ଷକ ଏହି ଜନସେବା କେନ୍ଦ୍ର ପରିଚାଳନା କରୁଥିବା ଜଣାଯାଇଛି ।

## ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପାଳିତ

**ଲୋଇସିଂହା,୧୩।୯(ସୁଶାନ୍ତ ବାରିକ)**


ଅତିଥିଙ୍କ ଗହଣରେ ଛାତ୍ରୀମାନେ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି । ଉତ୍ସବରେ ପ୍ରିନ୍ସିପାଲ ଜ୍ୟୋର୍ତିମୟୀ ପଧାନ ଅଧକ୍ଷତା କରିଥିଲେ । ଏଥିରେ ବିଡିଓ ଅକ୍ଷୟପାଣି ଉଦ୍ଦୁ ମୁଖ୍ୟଅତିଥି, ଶିକ୍ଷାବିତ କାହ୍ନୁଚରଣ ଦର୍ଜି, ସୁନିତୀ ହୋତା, ଗୀତାଞ୍ଜଳି ପଧାନ, ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ କପିଳେଶ୍ୱର କୁମ୍ଭାର, ଡା. ସଞ୍ଜୀବ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି ବିଡିଓ ଉଦ୍ଦୁ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷାର ଅଭିବୃଦ୍ଧି ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଶିକ୍ଷାବିତ ଦର୍ଜି ଏବଂ ହୋତା ଛାତ୍ରୀଛାତ୍ରଙ୍କୁ ସଫଳତାର ମନ୍ତ୍ର ଏବଂ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ସମାଜରେ ପ୍ରତିଷ୍ଠା ଲାଭ କରିବା ସହ ସମାଜର ଉନ୍ନତି କ୍ଷେତ୍ରରେ ମନୋନିବେଶ କରିବାକୁ ଡା. ବିଶ୍ୱାଳ ପରାମର୍ଶ ଦେଇଥିଲେ । ଜଣେ ଭଲ ମଣିଷ ହେବା ସହ ଉତ୍ତମଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷକ ପ୍ରଭାତ କୁମାର ନନ୍ଦ ଓ ଧନଞ୍ଜୟ ବରିହା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଶିକ୍ଷୟିତ୍ରୀ ରୀନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଭଦ୍ରା ଯୋଜନା ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ,୧୩।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ବ୍ଲକ ପ୍ରଶାସନ ତରଫରୁ ଶୁକ୍ରବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ସୁଭଦ୍ରା ଯୋଜନାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡିଓ କ୍ଷମାନିଧି ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ତହସିଲଦାର ବିକ୍ରମ କେଶରୀ ନାଏକ,ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ସେନାପତି ମଙ୍ଗରାଜ, ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜକ ପ୍ରଦୀପ କୁମାର ଛତ୍ରିଆ, ମିଶନ ଶକ୍ତି ବିପିସି ଭକ୍ତିଭୂଷଣ ପଣ୍ଡା, ସିଡିପିଓ ମିନତୀ କୁମାରୀ ମିଶ୍ର, ପ୍ରାଣୀଧନ ଚିକିତ୍ସକ ତଥା ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରସ୍ତୁତି ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ସୁଭଦ୍ରା ଯୋଜନାରେ କେମିତି ସମସ୍ତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେବେନାହିଁ ସେଦିଗରେ କାମ କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ବୈଠକରେ ସ୍ଥାନୀୟ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା, ଫରେଷ୍ଟର ବ୍ୟାସଦେବ ସାହୁ, ସହକାରୀ କୃଷି ଅଧିକାରୀ ରୋହନ କୁମାର ଭୋଇ, ସହକାରୀ ଯନ୍ତ୍ରୀ ପ୍ରଜ୍ଞାପରମିତା ସାବତ,ଏପିଓ ସୁଧାଂଶୁ ଶେଖର ମେହେର, ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ବନିତା ବେହେରା ତଥା ୨୬ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଧାର କେନ୍ଦ୍ର ମାଲିକଙ୍କୁ ଆକ୍ରମଣ, ଜଣେ ଗିରଫ

ଲୋଇସିଂହା,୧୩।୯(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକାସ୍ଥିତ ଆଧାର କେନ୍ଦ୍ରର ମାଲିକଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଘଟଣାରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ କେଶାଇପାଲି ଗ୍ରାମର ଶୋଭାକର ବିଶ୍ୱାଳ(୩୪) । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡିଥିବା ଥାନା ଅଧିକାରୀ ବାସୁଦେବ ଭୋଇ ଜଣାଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଡୁଡୁକାସ୍ଥିତ ଆଧାର କେନ୍ଦ୍ରକୁ କେଶାଇପାଲି ଗ୍ରାମର ଶୋଭାକର କୌଣସି କାମରେ ଯାଇଥିଲେ । ହେଲେ ଶୋଭାକର କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ଆଧାର କେନ୍ଦ୍ର ମାଲିକ ଯୁଧିଷ୍ଠିର ସାହୁଙ୍କୁ ଗାଳିଗୁଳଜ କରି ଆକ୍ରମଣ କରିଥିଲେ । ଏନେଇ ସାହୁ ଆଗଲପୁର ଥାନରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଥାନା (ନଂ ୧୫୨/୨୪)ରେ ଏକ ମାମଲା ରୁଜୁ ହୋଇଛି ।

# ଖଲିଆପାଲି, ତୁର୍ଲା, କନ୍ଧପାଲି, ସିସିଏଫ୍ଏ ଦଳ ବିଜୟୀ

**ବଲାଙ୍ଗୀର,୧୩।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ପକ୍ଷରୁ ଶୁକ୍ରବାର ଆୟୋଜିତ ଜିଲାସ୍ତରୀୟ ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଜିଲାର ୧୬ଟି ଖେଳପଡିଆରେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଲୋଇସିଂହା ନିକଟସ୍ଥ ସୁଜିଆ ଖେଳପଡିଆରେ ଝାରମୁଣ୍ଡା ଦଳ ୧-୦ ଗୋଲରେ ସଲତରପାଲିକୁ ହରାଇଥିଲା । ଲୋଇସିଂହା ଖେଳପଡିଆରେ ଏଚ୍ଆରଡିଏ ଖଲିଆପାଲି ଦଳ ଟ୍ରାଇବ୍ରେକର ଜରିଆରେ ୩-୨ ଗୋଲରେ ଆରୱାଇସି ଲୋଇସିଂହା ଦଳକୁ ହରାଇଥିଲା । ମୁରିବାହାଲ ବ୍ଲକ ହଲଦି ପଡିଆରେ ତୁର୍ଲା ଦଳ ୨-୦ ଗୋଲରେ ମାଲପଡାକୁ ହରାଇଥିଲା । ବଲାଙ୍ଗୀର ସହର ମିଶନ ପଡିଆରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚରେ ମାଣିକେଶ୍ୱରୀ କନ୍ଧପାଲି ଦଳ ଟ୍ରାଇବ୍ରେକର ଜରିଆରେ ୪-୨ ଗୋଲରେ ପ୍ରୋଗ୍ରେସିଭ୍ ବି ଦଳକୁ ହରାଇଥିଲା । ଅନ୍ୟ ମ୍ୟାଚରେ ସିସିଏଫ୍ଏ ଏ ଦଳ ୫-୦ ଗୋଲରେ ମହୀମୁଣ୍ଡା ଦଳକୁ ହରାଇଥିଲା । ମୁରିବାହାଲ ପଡିଆରେ ୱାଇଏସ୍ସି ମୁରିବାହାଲ ଦଳ ୫-୦ ଗୋଲରେ ରେଙ୍ଗାଲି ଦଳକୁ ହରାଇଥିଲା । ସିଟି ସ୍କୁଲ ଟିଟିଲାଗଡ ଖେଳପଡିଆରେ ରାଇଜିଂ ଷ୍ଟାର ଟିଟିଲାଗଡ ଦଳ ୨-୦ ଗୋଲରେ ଭିଏସ୍ଏସ୍ ଟିଟିଲାଗଡ ଦଳକୁ ହରାଇଥିଲା । ଖୋଲାନ ପଡିଆରେ ନାରେନ ଦଳ ୩-୦ ଗୋଲରେ ଖୋଲାନ ବି ଦଳକୁ ହରାଇଥିଲା । ଦେଓଗାଁ ବ୍ଲକ ଜରାସିଂହା ଖେଳପଡିଆରେ ଦୁଷୁରା ଦଳ ୧-୦ ଗୋଲରେ ନାଇକେନସିରା ଦଳକୁ ହରାଇଥିଲା । ଟିକ୍ରାପଡା ପଡିଆରେ ସର୍ଗୁଲ ଟ୍ରାଇବ୍ରେକର ୩-୨ ଗୋଲରେ ଡାଙ୍ଗବାହାଲକୁ ହରାଇଛି । ଖୁଜେନପାଲି ପଡିଆରେ ଭାଲେର ୧-୦ ଗୋଲରେ ବାଗଭାଡି ଓ ଅର୍ଜୁନପୁର ୧-୦ ଗୋଲରେ ଖୁଜେନପାଲିକୁ ହରାଇଛି । କଣ୍ଟାବାଞ୍ଜି ରେଲୱେ ପଡିଆରେ କେଏଫ୍ସି କଣ୍ଟାବାଞ୍ଜି ୬-୦ ଗୋଲରେ ଆରଏନ୍ଏଫ୍ସି କଣ୍ଟାବାଞ୍ଜିକୁ ହରାଇଛି । ବଙ୍ଗୋମୁଣ୍ଡା ପଡିଆରେ ସାନମୁଲା ୩-୦ ଗୋଲରେ ତେତେଲପଡାକୁ ହରାଇଛି । ଟାଉନ ହାଇସ୍କୁଲ ପଡିଆରେ ଜିଏଫ୍ଏ ରାଏପାଲି ବିଜୟୀ ହୋଇଛି । ଚୁଡାପାଲି ପଡିଆରେ ତୁଲୁସର ୨-୧ ଗୋଲରେ ଭାଲୁପିଟାକୁ ହରାଇଛି । ପାଟଣାଗଡ ପଡିଆରେ ନକଟାସର ୭-୦ ଗୋଲରେ ମଲ୍ଲିକମୁଣ୍ଡାକୁ ହରାଇଛି । ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲିରେ ସିସିଏଫ୍ଏ ବି ୪-୧ ଗୋଲରେ କୁଶଙ୍ଗକୁ ହରାଇଛି । ଅତିଥି ଭାବରେ ସଦାଇପାଲି ପଲ୍ଲୀଶ୍ରୀ ଷ୍ଟାଡିୟମରେ ସାଇଟ୍ ନର୍ସିଂ ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର ଓ ଡିପ୍ଲୋମା ଇଞ୍ଜିନିୟରିଂ ଅଧକ୍ଷା ନମିତା ପଟେଲ ଯୋଗ ଦେଇଥିଲେ । ହଲଦୀ ପଡିଆରେ ଭାଜପା ଜୋନ ସଭାପତି ଜୀବର୍ଦ୍ଧନ ଖର୍ସେଲ, ମିଶନ ପଡିଆରେ ପୂର୍ବତନ ଖେଳାଳି ବୀରେନ୍ଦ୍ର ସୁନା, ଶ୍ରୀକାନ୍ତ ରାଉତ, ଅସୀମ ପାଲ, ଲୋକନାଥ ନେପାକ ଓ ସୁବୋଧ ପ୍ରଧାନ, ମୁରିବାହାଲ ପଡିଆରେ ବିଧାୟକ ନୋମିନି ଗଙ୍ଗାଧର ହେର୍ଣ୍ଣା ଓ ତରୁଣ ପୋଢ଼, ଜରାସିଂହା ପଡିଆରେ ସଚ୍ଚିଦାନନ୍ଦ ପାଢୀ, ଖୁଜେନପାଲି ପଡିଆରେ ପୁରୁଷୋତ୍ତମ ସାହୁ , ପୀତାମ୍ବର ଖମାରୀ ଓ ପ୍ରଦୀପ ତ୍ରିପାଠୀ, କଣ୍ଟାବାଞ୍ଜି ପଡିଆରେ ନରେଶ ଜୈନ, ସୁଜିତ ଖୁରା ଓ କୈଳାସ ଦୀପ, ବଙ୍ଗୋମୁଣ୍ଡା ପଡିଆରେ ମଣ୍ଟୁ ସରାଫ ଓ ସୁନିଶ ପ୍ରଧାନୀ, ଚୁଡାପାଲି ପଡିଆରେ ପୂର୍ବତନ ଖେଳାଳି ନୀଳମଣି ଦଣ୍ଡସେନା ଓ ଗୋପାଳ ପଟେଲ ଯୋଗ ଦେଇଥିଲେ ।


ତୃତୀୟ ଦିନରେ ଅନୁଷ୍ଠିତ ନକ୍ଆଉଟ୍ ଫୁଟବଲ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଖେଳାଳି ଓ ଅତିଥି ।

**ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସ**

# ଶୁଣ୍ଢି ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କୃତୀ ପ୍ରତିଯୋଗୀ ।

**ମୁରିବାହାଲ,୧୩।୯(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଲେବଡା ଗ୍ରାମର ଖେଳପଡ଼ିଆଠାରେ ଶନିବାର ଦିନ ଆଞ୍ଚଳିକ ଗଜଭଟିଆ ଶୁଣ୍ଢି ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଶ୍ରୀ ସୁବର୍ଣ୍ଣଗ୍ରାହୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆଞ୍ଚଳିକ ଗଜଭଟିଆ ଶୁଣ୍ଢି ସମାଜର ସଭାପତି ଅଶ୍ୱିନୀ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ କିଶୋର କୁମାର ବେହେରା, ଉପ ସଭାପତି ମାଧବ ସାହୁ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା ମଞ୍ଚାସୀନ ହୋଇ ସମାଜର ମଙ୍ଗଳ, ଅସାମାଜିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା, ଭାତୃଭାବ ଏବଂ ବନ୍ଧୁତା ସମସ୍ତଙ୍କ ମଧ୍ୟରେ ସ୍ଥାପନ କରିବା ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ହେମସାଗର ସାହୁ, ମହେଶ୍ୱର ବେହେରା, ଜଗନ୍ନାଥ ବେହେରା, ରାଧାକାନ୍ତ ବେହେରା, ମୁରାରୀ ପ୍ରସାଦ ବେହେରା, ଗଣେଶ ବେହେରା, ଦେବାନନ୍ଦ ବେହେରା, ଭୀଷ୍ମ ବେହେରା, କୁରୁପତି ବେହେରା, ଚତୁର୍ଭୁଜ ବେହେରା, କରୁଣାକର ବେହେରା, ଅଭୟ ବେହେରା, ଲବ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ବଙ୍ଗୋମୁଣ୍ଡା, ମୁରିବାହାଲ ଓ ଟିଟିଲାଗଡ଼ ବ୍ଲକ ଅଞ୍ଚଳର ୯ ଗୋଟି ଗ୍ରାମର ମହିଳା ଓ ପୁରୁଷ ଲୋକ ସାମିଲ ହୋଇଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଅମରପାଲି,୧୩।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ଠିଠୀପାଲି ଗ୍ରାମରେ ବିଷଧର ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ଫଦୋଲ ପାତ୍ର(୬୦)। ଶୁକ୍ରବାର ସକାଳେ ବୃଦ୍ଧା ଜଣକ ଝାଡୁ କରୁଥିବା ସମୟରେ ଘରେ ମୂଷା ଖୋଳିଥିବା ଏକ ଗାତକୁ ଦେଖି ପୋତୁ ଥିବା ସମୟରେ ସାପ କାମୁଡି ଦେଇଥିଲା। ତୁରନ୍ତ ବୃଦ୍ଧା ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବୀରମହାରାଜପୁର ପୋଲିସ ମୃତଦେହ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦିନ ୧୨ଟାରେ ଆହାର କେନ୍ଦ୍ରରେ ଆହାର ନାହିଁ

ବିନିକା, ୧୩।୯ (ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଆହାର କେନ୍ଦ୍ରରେ ୫୦୦ ମିଲ୍ ବଦଳରେ ୩୦୦ ଶହ ମିଲ୍ ଦିଆହେଉଛି। ଫଳରେ ଦିନ ୧୨ଟାରେ ମିଲ୍ ସରି ଯାଉଥିବାରୁ ଗ୍ରାହକ ମିଲ୍ ନ ପାଇ ଫେରି ଯାଉଥିବାର ଶୁକ୍ରବାର ଦେଖିବାକୁ ମିଳିଛି। ପରିଚାଳନା କରୁଥିବା ମା' ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି, ଆମକୁ ୩୦୦ ମିଲ୍ ଦେବା ପାଇଁ ନିର୍ଦ୍ଦେଶ ଅଛି। ସୁଭଦ୍ରା ଯୋଜନା ପାଇଁ ଗାଁ ଗହଳିରୁ ମହିଳାମାନେ ଆସୁଥିବାରୁ ଗୋଟିଏ ଘଣ୍ଟାରେ ମିଲ୍ ସରିଯାଉଛି। ଏ ବିଷୟରେ ଦାୟିତ୍ୱରେ ଥିବା ମାଧ୍ୟମିକ ଅଧିକାରୀ ଉମାକାନ୍ତ ସିଂଙ୍କୁ ପଚାରିବାରୁ ସେ ମଧ୍ୟ ସୁଭଦ୍ରା ଯୋଜନା ପାଇଁ ଏମିତି ହେଉଥିବାର କହିଲେ। ଜନସାଧାରଣ ଯଦି ଦାବି କରନ୍ତି ମିଲ୍ ସଂଖ୍ୟା ବଢ଼ାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ୫ ଟଙ୍କାରେ ମିଲ୍ ଖାଇବାକୁ ଆସୁଥିବା ଗ୍ରାହକ ମନଦୁଃଖରେ ଫେରିଯାଉଥିବାରୁ ମିଲ୍ ସଂଖ୍ୟା ବଢାଇବା ପାଇଁ ଜନସାଧାରଣରେ ଦାବି ହେଉଛି ।

### ସ୍ୱଚ୍ଛତା ହିଁ ସେବା ପାଇଁ ପ୍ରସ୍ତୁତି ବୈଠକ

ବିନିକା, ୧୩।୯ (ରାମଗୋପାଳ ବାଘ)

ବିନିକା ବ୍ଲକ ସଭାଗୃହରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଶୁକ୍ରବାର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦଚନ୍ଦ୍ର ମେହେରଙ୍କ ଆହ୍ୱାନ କ୍ରମେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଉପାଧ୍ୟକ୍ଷ ନିର୍ମଳ ସାଣ୍ଡ, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲେତ, ବନାଞ୍ଚଳ ଅଧିକାରୀ ଡମ୍ବରୁଧର ପଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମଣ ମିଶ୍ର, ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପଧାନଙ୍କ ସମେତ ପଞ୍ଚାୟତ ପ୍ରତିନିଧି ବିଭିନ୍ନ ବିଭାଗର ପଦାଧିକାରୀ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେହେର ଆସନ୍ତା ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇ ସହରାଞ୍ଚଳ ଗ୍ରାମାଞ୍ଚଳ ସମେତ ପର୍ଯ୍ୟଟନ ସ୍ଥଳୀରେ ସ୍ୱଚ୍ଛତା ଆଣିବା ପାଇଁ ନିବେଦନ କରିଥିଲେ।

# ସ୍ନେହ, ପ୍ରେମ, ଭାଇଚାରାର ପର୍ବ ନୂଆଁଖାଇ

ଅମରପାଲି,୧୩।୯(ପୀତାମ୍ବର ସାହୁ)



ଅମରପାଲିରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

**ଅମରପାଲିରେ ନୂଆଁଖାଇ ଭେଟ୍‌ଘାଟ୍**

ନୂଆଁଖାଇ ଓଡ଼ିଶାର ଏକ ମହାନପର୍ବ। ପରିବାରର ଯିଏ ଯେଉଁଠି ଥିଲେ ମଧ୍ୟ ନୂଆଁଖାଇ ପାଇଁ ସମସ୍ତେ ଘରକୁ ଆସିଥାନ୍ତି। ରାଗ ରଷା ଥିଲେ ମଧ୍ୟ ଏହାକୁ ଭୁଲି ନୂଆଁଖାଇରେ ସମସ୍ତେ ଏକତ୍ରିତ ହୋଇ ଭାଇଚାରାର ପରିଚୟ ଦେଖାଇଥାନ୍ତି। ସେଥିପାଇଁ ଏହି ପର୍ବ ଏବେ ଆଉ ପଶ୍ଚିମ ଓଡ଼ିଶାରେ ସୀମିତ ହୋଇ ରହିନାହିଁ। ରାଜ୍ୟର ବିଭିନ୍ନ ପ୍ରାନ୍ତ ସମେତ ରାଜ୍ୟ ବାହାରେ ଏପରିକି ଦେଶ ବାହାରେ ମଧ୍ୟ ପ୍ରବାସୀମାନେ ଏହାକୁ ପାଳନ କରୁଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଗ୍ରାମରେ ନିଉଷ୍ଟାର କ୍ଲବର ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଆୟୋଜକ ସଭାପତି ଗୌରାଙ୍ଗ ଭରାସାଗରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ସେଚ୍ଛାସେବୀ ଶାନ୍ତୀ କୁମାରୀ ମୁଖ୍ୟବକ୍ତା ଏବଂ ସ୍ୱେଚ୍ଛାସେବୀ ଗଦାଧର ବାଦୀ ଓ ପୂର୍ବତନ ସମିତିସଭ୍ୟ ସୁରୁନାରାୟଣ ମହାକୁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶିକ୍ଷକ ମଦନ ସୁନ୍ଦର ଭୋଇ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଭୀମ ଭୋଇ କଳା ନିକେତନର ଶିଳ୍ପୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସ୍ଥାନୀୟ ଶିଶୁ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ପରିବେଷଣ କରାଯାଇଥିଲା।

# ଭାରିଯାନ ଚଳାଚଳ ବନ୍ଦ କଲେ ଗ୍ରାମବାସୀ

ଅମରପାଲି,୧୩।୯(ପୀତାମ୍ବର ସାହୁ)

■ଭାରିଯାନ ଯୋଗୁ ଖଣ୍ଡହତା ଯୁବରାଜପୁର ରାସ୍ତା ଶୋଚନୀୟ
■ବର୍ଷେ ପୂର୍ବେ ହୋଇଥିଲା ଏହି ରାସ୍ତାର ମରାମତି

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ଜନକପୁରରୁ ସଂଗ୍ରାମପୁର ପଞ୍ଚାୟତର ଯୁବରଜପୁର ଦେଇ ରେଢାଖୋଲ ସୀମାକୁ ସଂଯୋଗ ହୋଇଥିବା ରାସ୍ତା ଏବେ ଭାରିଯାନ ଚଳାଚଳ ଯୋଗୁ ଶୋଚନୀୟ ହୋଇପଡ଼ିଛି। ଏନେଇ ଅଞ୍ଚଳବାସୀ ପ୍ରଶାସନ ଓ ଜନପ୍ରତିନିଧିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ତେଣୁ ଅଞ୍ଚଳବାସୀ ଶୁକ୍ରବାର ବାଧହୋଇ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିଛନ୍ତି। ଏପରିକି ଗେଟି,ଚିପ୍ସ ନେଇ ଯାଉଥିବା ଭାରିଯାନକୁ ଯିବାକୁ ନ ଦେଇ ଫେରେଇ ଦେଇଥିବା ଜଣାପଡିଛି। ସୂଚନା ଅନୁସାରେ ଖଣ୍ଡହତା ସ୍ଥିତ ପୂର୍ତ୍ତ ବିଭାଗ ରାସ୍ତାରୁ ଜନକପୁର ଦେଇ ରେଢାଖୋଲ ସୀମାକୁ ପ୍ରାୟ ୫ କିଲୋମିଟର ହେବ। କିଛି ବର୍ଷ ପୂର୍ବେ ଏହି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ ହୋଇ ନୂତନ ରାସ୍ତା ତିଆରି ହୋଇଥିଲା। ଏପରିକି ଗତ ବର୍ଷ ଏହା ମରାମତି ହେବା ସହିତ ନୂତନ ଭାବେ ପିଚୁ ମଧ୍ୟ କରାଯାଇଥିଲା। ଫଳରେ ଲୋକେ ଠିକ ଭାବେ ଯିବା ଆସିବା କରୁଥିଲେ। ମାତ୍ର ଏହି କିଛି ଦିନ ହେବ ରେଢାଖୋଲ ପାର୍ଶ୍ୱରେ ଥିବା ଗୋବିନ୍ଦପୁର ଅଞ୍ଚଳରେ ରାସ୍ତା କାମ ହେଉଛି। ସେଠାରେ କାମ କରୁଥିବା ଠିକା ସଂସ୍ଥା ଏହି ରାସ୍ତା ଦେଇ ବେଆଇନ ଭାବେ ହାଇୱା ଗାଡ଼ି ଭଳି ଭାରିଯାନରେ ବାଲି, ଗେଟି,ଚିପ୍ସ ଆଦି ପ୍ରତ୍ୟହ ନେବା ଆଣିବା କରିବା ଫଳରେ ଉକ୍ତ ରାସ୍ତା ଏବେ ଶୋଚନୀୟ ହୋଇ ପଡ଼ିଛି। ଅନେକ ସ୍ଥାନରେ ରାସ୍ତା ଦବି ଗଲାଣି। ଫଳରେ ଲୋକେ ଯିବା ଆସିବା କରିବାରେ ନାହିଁ ନ ଥିବା ଅସୁବିଧା ହେଉଛି। ଉକ୍ତ ରାସ୍ତା ଉପରେ ଖଣ୍ଡହତା, ଜନକପୁର, ଯୁବରାଜପୁର, ତିଲେଇମାଲ, ରାଜନପାଲି, ବରପଦର, ସାନକିରାସିରା ଆଦି ଗ୍ରାମ ସମେତ ରେଢାଖୋଲ ବ୍ଲକର ତ୍ରିବଣପୁର ପଞ୍ଚାୟତର ଲୋକେ ପ୍ରତ୍ୟହ ଯିବା ଆସିବା କରିଥାନ୍ତି। ଏବେ ରାସ୍ତା ଶୋଚନୀୟ ଯୋଗୁଁ ସାଧାରଣ ଲୋକଙ୍କ ଠୁ ଆରମ୍ଭ କରି ସ୍କୁଲ,କଲେଜ ଯାଉଥିବା ଛାତ୍ରୀଛାତ୍ର ଓ ମହିଳାମାନେ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଆଇନ ଭାବେ ଯାତାୟତ କରୁଥିବା ଭାରିଯାନ ଚଳାଚଳକୁ ବନ୍ଦ କରିବା ପାଇଁ ପ୍ରଶାସନ ସମେତ ଜନ ପ୍ରତିନିଧିଙ୍କୁ ମୌଖିକ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନ ଥିଲା। ଫଳରେ ଶୁକ୍ରବାର ଜନକପୁର ସମେତ ଅଞ୍ଚଳର ଲୋକେ ରାସ୍ତାରେ ଭାରିଯାନକୁ ଅଟକାଇ ବିକ୍ଷୋଭ କରିଛନ୍ତି। ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ପ୍ରଶାସନକୁ ଦାବି କରିଛନ୍ତି।



ଜନକପୁରରେ ଗ୍ରାମବାସୀ ରାସ୍ତାରେ ଭାରିଯାନ ବନ୍ଦ କରିଛନ୍ତି।

# ବତକ ପାଳନ ପାଇଁ ରାତ୍ରିକାଳୀନ ବାସଗୃହ ପ୍ରଦାନ

ସୋନପୁର,୧୩।୯(ମୃତ୍ୟୁଞ୍ଜୟ ଶତପଥୀ)



ଅତିଥିମାନେ ଜଣେ ମହିଳାଙ୍କୁ ବତକ ପାଳନ ପାଇଁ ବାସଗୃହ ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲାର ଅନୁସୂଚିତ ଜାତି ବର୍ଗର ଚାଷୀଙ୍କୁ ବତକ ପାଳନ ପାଇଁ ରାତ୍ରିକାଳୀନ ବାସଗୃହ ପ୍ରଦାନ କରାଯାଇଛି। ଭାରତୀୟ କୃଷି ଅନୁସନ୍ଧାନ କେନ୍ଦ୍ର(ଆଇସିଏଆର) ସହାୟତାରେ ଭୁବନେଶ୍ୱର ସ୍ଥିତ କୁକୁଟ ପାଳନ ପରିଯୋଜନା ନିର୍ଦ୍ଦେଶାଳୟ ଆଞ୍ଚଳିକ କେନ୍ଦ୍ର ଏବଂ ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଏଟି)ର ବୈଜ୍ଞାନିକ ମାନଙ୍କର ମିଳିତ ଉଦ୍ୟମରେ ଚାଷୀଙ୍କୁ ଏହି ସହାୟତା ଦିଆଯାଇଥିଲା। ଗୁରୁବାର ଓ ବୁଧବାର ଜିଲାର ୧୫୦ ଚାଷୀଙ୍କୁ ବତକ ଚାଷ ସମ୍ବନ୍ଧିତ ଜ୍ଞାନ କୌଶଳ ବୃଦ୍ଧି ନିମନ୍ତେ ଏକ କର୍ମଶାଳା ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ହୋଇଥିଲା। ପରେ ଜିଲାର ମୁଖ୍ୟ ବତକ ଚାଷ ପ୍ରଶିକ୍ଷିତ ଗାଁ ବଡଝିଙ୍କି, ମେଣ୍ଡା, ତିଲେଇମାଲ ଓ ମହୁଲପାଲି ଗାଁର ଚାଷୀମାନଙ୍କୁ ଗୋଟିଏ ଲେଖାଏଁ ବତକ ଉପଯୋଗୀ ରାତ୍ରିକାଳୀନ ବାସଗୃହ ପ୍ରଦାନ କରାଯାଇଥିଲା। ତାର ଓ ଲୁହା ପ୍ଲେଟ୍ ଦ୍ୱାରା ନିର୍ମିତ ଏହି ବାସଗୃହରେ ବତକ ମାନେ ଖରା ବର୍ଷା ତଥା ଜଙ୍ଗଲି ଜନ୍ତୁମାନଙ୍କ ଭୟରୁ ସୁରକ୍ଷିତ ରହିପାରିବେ। ଗୋଟିଏ ବାସଗୃହରେ ପ୍ରାୟ ୧୨ ରୁ ୧୫ଟି ଅଣ୍ଡାଦିଆ ବତକମାନଙ୍କୁ ରାତ୍ରିକାଳୀନ ଆଶ୍ରୟ ଦିଆ ଯାଇପାରିବ ବୋଲି ସୂଚନା ଦିଆ ଯାଇଥିଲା। ପୂର୍ବରୁ ସମ୍ପୃକ୍ତ ଚାଷୀମାନଙ୍କୁ ପ୍ରଶିକ୍ଷିତ କରି ବତକ ଚିଆଁ, ବତକ ଉପଯୋଗୀ ଦାନା ଓ ଔଷଧ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କୁକୁଟ ପାଳନ ପରିଯୋଜନା ନିର୍ଦ୍ଦେଶାଳୟ ଆଞ୍ଚଳିକ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୂର୍ଯ୍ୟ ମିଶ୍ର, ଡ. ବିଜୟ କୁମାର ସ୍ୱାଇଁ ଓ ବରିଷ୍ଠ ବୈଜ୍ଞାନିକ ଡ. ଧୀରେନ୍ଦ୍ର କୁମାର ଯୋଗଦାନ କରିଥିଲେ। ସୋନପୁର କୃଷି ବୈଜ୍ଞାନିକ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ଓ ଲୋପାମୁଦ୍ରା ରାୟ ପ୍ରମୁଖ ଯୋଗଦାନ କରିଥିଲେ। ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିବା ସହିତ କର୍ମଶାଳାରେ ଚାଷୀଙ୍କ ସହିତ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀ ଗ୍ରାମାଞ୍ଚଳରେ ସ୍ୱଳ୍ପ ଖର୍ଚ୍ଚରେ ଆଧୁନିକ ପଦ୍ଧତିରେ ମୁକ୍ତାଙ୍ଗନ ବତକ ପାଳନ କରି ଲାଭାନ୍ୱିତ ହୋଇପାରିବେ ବୋଲି ସେ ବୁଝାଇଥିଲେ। ପ୍ରାକ୍ତନ ନଗରପାଳ ପ୍ରମୋଦ କୁମାର ମହାପାତ୍ର, ପ୍ରାକ୍ତନ ସୋନପୁର ବ୍ଲକ ଅଧ୍ୟକ୍ଷ ନବକୃଷ୍ଣ ଦନ୍ତା ଓ ଶଙ୍କରା ପଞ୍ଚାୟତର ସରପଞ୍ଚ ଅଶୋକ କୁମାର ପୃଷ୍ଟି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଡିଜିଟାଲ କ୍ରପ ସର୍ଭେ ସଚେତନତା ସଭା

**ଚାଷ ହୋଇଥିବା ଜମି ଚିହ୍ନଟ ହେବ**

ଅମରପାଲି,୧୩।୯(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର କୃଷି ବିଭାଗ ଆନୁକୂଲ୍ୟରେ ଡିଜିଟାଲ କ୍ରପ ସର୍ଭେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା ପୌରୋହିତ୍ୟ କରିଥିଲେ। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକ ପ୍ରତିନିଧି ଭାବେ ବେଣୁଧର ଦାଶ, ବୀରମହାରାଜପୁର ଜିଲା କୃଷି ଅଧିକାରୀ ଧିରେନ୍ଦ୍ର ସିଂ ବରିହା, ସହକାରୀ କୃଷି ଅଧିକାରୀ ଯଶୋବନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପ୍ରତି ଖରିଫ ଚାଷ ହୋଇଥିବାବେଳେ କେଉଁ ଜମିରେ କେଉଁ ଫସଲ ହୋଇଛି ତାହାର ସର୍ଭେ କରାଯିବା ସହିତ କେଉଁ ଜମିରେ କୌଣସି ଚାଷ କରାଯାଇ ନାହିଁ ତାହାର ସର୍ଭେ ମଧ୍ୟ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। କୃଷି ବିଭାଗ, ରାଜସ୍ୱ ବିଭାଗ ଓ ବ୍ଲକ ପ୍ରଶାସନ ତରଫରୁ ଏହି ସର୍ଭେ କାମ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସମସ୍ତେ ଏଥିରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ କୃଷି ବିଭାଗର କର୍ମଚାରୀ ଯୋଗଦେଇଥିଲେ। ବିଟିଏମ ଜିତେନ୍ଦ୍ର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏଟିଏମ ମୀନକେତନ ମହାକୁର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନିକାରେ କୃଷକ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ବିନିକା,୧୩।୯(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଚନ୍ଦ୍ରମା ସଭାଗୃହରେ ଗୁରୁବାର ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ସଦସ୍ୟତା ଅଭିଯାନ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ପୁଟିନ ପୁହାନ, କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ ନବକୃଷ୍ଣ ଦନ୍ତା, ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଅଶୋକ ପୃଷ୍ଟି, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଆର.କେ ମେଣ୍ଡିଲି ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଲୋକାଭିମୁଖୀ ଯୋଜନା କୃଷକମାନଙ୍କ ଉନ୍ନତିକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ଲୋକଙ୍କ ସାଙ୍ଗରେ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ବୁଥରେ ୨ ଶହରୁ ଅଧିକ ସଦସ୍ୟତା ଗ୍ରହଣ କରିବା ପାଇଁ କାର୍ଯ୍ୟକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ନଗର ସଭାପତି ଉତ୍ସବ କର ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି ଭୁବନେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍‌ପି ପ୍ରତିନିଧି ବାବୁଲି ବିଶି, ଆଦିବାସୀ ନେତା କରଞ୍ଜିତ ବୋଇଙ୍କ ସମେତ ଭାଜପା କର୍ମକର୍ତ୍ତା ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ପୁରୁଷ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ସୁନା ଦୋକାନକୁ ମାଡ଼ିଗଲା କାର୍: ତିନି ଗୁରୁତର

ବୌଦ୍ଧ,୧୩।୯(ଅଜିତ କୁମାର ବାରିକ)

ଶୁକ୍ରବାର ଦିନ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ବଜାରରେ ଥିବା ଏକ ସୁନାଦୋକାନ ଆଡ଼କୁ ଏକ କାର୍ ମାଡ଼ିଯିବା ଫଳରେ ଜଣେ ନାବାଳିକା ସମେତ ୩ ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ଚାରିଛକ ପଟୁ ମଧ୍ୟାହ୍ନ ସମୟରେ ଏକ କାର୍ ବୌଦ୍ଧ ଆଡକୁ ଆସୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ପୁରୁଣାକଟକ ବଜାର ଉପରେ ଥିବା ସୁନା ଦୋକାନ ଆଡ଼କୁ ମାଡ଼ି ଯାଇଥିଲା। ଫଳରେ ସୁନା ଦୋକାନ ନିକଟରେ ବସିଥିବା ପୁରୁଣାକଟକର ଜୟନ୍ତୀ କହଁର (୪୫), ଦେବକୀ ବେହେରା (୨୨) ଓ ବାହାଲି ଗ୍ରାମର ସସ୍ମିତା ବେହେରା (୧୫) କାର୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ୩ ଜଣଙ୍କୁ ବୌଦ୍ଧ ମେହିକାଲକୁ ପଠାଯାଇଛି । ସୁଭଦ୍ରା ଯୋଜନାରେ ଫର୍ମ ଭରିବା ପାଇଁ ଜୟନ୍ତୀ ଓ ଦେବକୀ ସୁନା ଦେକାନ ନିକଟରେ ଥିବା ଜନସେବା କେନ୍ଦ୍ରକୁ ଆସିଥିଲେ। ଜନସେବା କେନ୍ଦ୍ର ପାଖରେ ସୁନା ଦୋକାନ ଥିବାରୁ ସେମାନେ ସେଠାରେ ବସିଥିଲେ। ଏହି ସମୟରେ ହଠାତ୍ କାର୍‌ଟି ମାଡ଼ି ଆସି ଧକ୍କା ଦେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧକ୍କା ଦେଇଥିବା କାର୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖିଛି । ଚାଳକ ଜଣକ ନୂଆ କରି ଗାଡ଼ି ଚଳାଉଥିବା ଯୋଗୁ ଦୁର୍ଘଟଣା ଘଟିଥିବା ପୋଲିସ ସୂତ୍ରରୁ ପ୍ରକାଶ।



# କଣ୍ଟାମାଳରେ ନୂଆଁଖାଇ ଭେଟଘାଟ ଉଦ୍‌ଯାପିତ

ଘଣ୍ଟାପଡ଼ା,୧୩।୯(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବସନ୍ତାଣ୍ଡସ୍ଥିତ ହରିଶଙ୍କର କଳାମଣ୍ଡପଠାରେ ନୂଆଁଖାଇ ଭେଟଘାଟ ସମନ୍ୱୟ ସମିତି କଣ୍ଟାମାଳ ପକ୍ଷରୁ ନୂଆଁଖାଇ ଭେଟଘାଟ -୨୦୨୪ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୧ନଂ ଜୋନ ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ୨ନଂ ଜୋନ ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ଭାଜପା କଣ୍ଟାମାଳ ମଣ୍ଡଳ ସଭାପତି ଅନିଲ କୁମାର ପ୍ରଧାନ, ବରଗାଁ ସରପଞ୍ଚ ପ୍ରତିନିଧି ପିନାକଧର ରଣା, ସାମାଜିକ କର୍ମୀ ଅବିନାଶ କୁଦେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୋଜକ କମିଟି ପକ୍ଷରୁ ଦିବ୍ୟଶଙ୍କର ରାଉତ ସଭା ପରିଚାଳନା କରିଥିଲେ। ପ୍ରଥମକରି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମର ଆୟୋଜନକୁ ନେଇ ମଞ୍ଚାସୀନ ଅତିଥିମାନେ ପ୍ରଶଂସା କରିବା ସହ ପର୍ବର ମାହାତ୍ମ୍ୟ ଏବଂ କଣ୍ଟାମାଳ ଅଞ୍ଚଳର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ମେଲୋଡି ଦିଲ ଖୁଜୁଛେ ଦିଲକେର ସ୍ୱନାମଧନ୍ୟ କଳାକାର ଯଶୋବନ୍ତ ସାଗର, ମାଧବ ଭାଇ, ଶ୍ରୀକାନ୍ତ ଛତ୍ରିଆ, ସଙ୍ଗୀତା ହାତୀଙ୍କ ସଙ୍ଗୀତ ଧମାକା ମଞ୍ଚକୁ ସରଗରମ କରିଥିଲା । ସେହିପରି ଟେଲି କଳାକାର ବିଦୁସ୍ମିତାଙ୍କ ଉପସ୍ଥିତି ଓ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଦର୍ଶକ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟଶଙ୍କର ରାଉତ, ସୁବ୍ରତ ସାହୁ, ରାଜୁ ବାଘ ଶରତ ସାହୁ, ସାନନ୍ଦ ମହାକୁଡ଼, ବାପୁନ ନାୟକ, ଉମେଶ ରଣା, ଦୁତିଆ ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ନୂଆଁଖାଇ ଭେଟଘାଟରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୪ କୋଟି ଟଙ୍କାର ରାସ୍ତା କାମ: ୪ ମାସରେ ମରଣଯନ୍ତା

ଖୁଣ୍ଟିଗୋରା,୧୩।୯(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଅଞ୍ଚଳରେ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ବିଭିନ୍ନ ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଖୁଣ୍ଟିଗୋରା ହାଟପଦା ଛକଠାରୁ କେଉଟିପାଲି ପର୍ଯ୍ୟନ୍ତ କରାଯାଇଥିବା ରାସ୍ତା କାମ ଏହାର ଏକ ଉଦାହରଣ । ଏହି ରାସ୍ତା କାମ ଶେଷ ହେବାର ଚାରି ମାସ ଭିତରେ ଏକାଧିକ ସ୍ଥାନରେ ବଡ ବଡ ଖାଲଖମା ସୃଷ୍ଟି ହେବା ସହ ରାସ୍ତା କଡ଼ ଧସି ଯାଇଥିବା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ନିର୍ମାଣ କରାଯାଇଥିବା ଏହି ରାସ୍ତା ପାଇଁ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ହୋଇଛି। କିନ୍ତୁ ୧୧ କିମି ବ୍ୟାପୀ ଉକ୍ତ ରାସ୍ତା କାର୍ଯ୍ୟରେ ଅନିୟମିତତା ହୋଇଥିବା ପରିଲକ୍ଷିତ ହୋଇଛି। ୨୦୧୮ ଅକ୍ଟୋବର ୨୭ ତାରିଖରେ ତତ୍କାଳୀନ ବାଚସ୍ପତି ପ୍ରଦୀପ କୁମାର ଅମାତ, ତତ୍କାଳୀନ ବିଧାୟକ ମହୀଧର ରଣା,ତତ୍କାଳୀନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଓ ତତ୍କାଳୀନ ଜିଲାପାଳ ସିତାଂଶୁ କୁମାର ରାଉତ ଏହି ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ୧ ବର୍ଷ ନ ପୁରୁଣୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଥିଲା। ପୁଣି ଏହାର ମରାମତି କାର୍ଯ୍ୟ ଗତ ମେ ମାସରେ ହୋଇଥିଲା। ହେଲେ ଆବଶ୍ୟକ ପରିମାଣର ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇ ନ ଥିବାରୁ ରାସ୍ତାର ଗୋଛାଗୋରାଠାରୁ ଦେଓଗାଁ ପର୍ଯ୍ୟନ୍ତ ବଡ ବଡ ଖାଲ ସୃଷ୍ଟି ହୋଇ ବିପଦଶଙ୍କୁଳ ହୋଇ ପଡିଛି। କେତେକ ସ୍ଥାନରେ ଫାଟ ମଧ୍ୟ ସୃଷ୍ଟି ହୋଇଛି । ସଂପୃକ୍ତ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ଠିକ୍ ଭାବେ କାମ କରା ନ ଯାଇ ସିଂହଭାଗ ଅର୍ଥ ହରିଲୁଟ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ରାସ୍ତା ଉପରେ ପଡୋଶୀ ବଲାଙ୍ଗୀର ଜିଲାର ତୁଷୁରା, ଗୁଡଭେଲା, ଜାମୁଟ ଗ୍ରାମ ସମେତ ବୌଦ୍ଧ ଜିଲାର ଖୁଣ୍ଟିଗୋରା, ଉଡେରଗାଁ, ଆଡେରଗାଁ, ଆସରେଗାଁ, ଶୁଖାମୁଣ୍ଡା, ମସିଣାଗୋରା,ବନ୍ଧଗୋରା, ସିନ୍ଧୁଗୋରା, କର୍ଲାଖୁଣ୍ଟା, ଦେଓଗାଁ ପ୍ରଭୃତି ଗ୍ରାମର ପ୍ରାୟ ୩୦ ହଜାର ଲୋକ ନିର୍ଭର କରିଥାନ୍ତି। ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜକୁ ଯିବାଆସିବା କରିଥାନ୍ତି। କିନ୍ତୁ ଲାଭଖୋର ମନୋବୃତ୍ତି ରଖି ନିମ୍ନମାନର କାମ ହେବା ଯୋଗୁ ଏହି ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇ ମରଣଯନ୍ତା ପଲଟିଛି। ଏହି ରାସ୍ତା କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କଣ୍ଟାମାଳ ଗ୍ରାମ୍ୟ ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ହେମ୍ବ୍ରମଙ୍କୁ ପଚାରିବାରେ ଉକ୍ତ ରାସ୍ତା କାର୍ଯ୍ୟରେ କୌଣସି ଦୁର୍ନୀତି ହୋଇନାହିଁ। କାର୍ଯ୍ୟ ସମୟରେ ନିୟମିତ ଭାବେ ତଦାରଖ ହୋଇଛି। ଭାରୀଯାନ ଚଳାଚଳ ଯୋଗୁ ମରାମତି କାର୍ଯ୍ୟର କେତେକାଂଶ ଧସି ଯାଇଛି। ଖୁବଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।



ରାସ୍ତାରେ ହୋଇଥିବା ଖାଲଖମା।

## ସଂକ୍ଷେପରେ

### ଗଣେଶପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ବନ୍ଧମୁଣ୍ଡା, ୧୩।୯ (ସୁବ୍ରତ ଦେ):** ବନ୍ଧମୁଣ୍ଡା ଶୀତଳନଗରସ୍ଥିତ ଶୀତଳା ଗଣେଶପୂଜା କମିଟି ଦ୍ୱାରା ଗଣେଶପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଏସ୍. ନାଗେଶ ରାଓ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ କଳାକାରମାନେ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରେଷ୍ଠ ପ୍ରଦର୍ଶନକାରୀ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବୀରଭଦ୍ର ବେହେରା, ବାସୁଦେବ ବେହେରା, ପଙ୍କଜ ଚୌଧୁରୀ, ସାନ୍ତୋଶ ସ୍ୱାଇଁ, ସୂର୍ଯ୍ୟକାନ୍ତ ଜେନା, ଆଶିଷ ସାହୁ, ଜୋହା ଶେଖ, ଚନ୍ଦନ ଗିରି, କୈଳାସ ସାହୁ ପ୍ରମୁଖଙ୍କ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ବରିଷ୍ଠ ନାଗରିକ ସଂଘର ସାଧାରଣ ବୈଠକ

**ସୁନ୍ଦରଗଡ, ୧୩।୯ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ଓ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୀରମିତ୍ର ପାର୍କ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ସଭାପତି ଈଶ୍ୱର ନାଏକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଡ. ଆଶୁତୋଷ ନାଏକ, ଶିକ୍ଷକ ନେତା ଗୋବିନ୍ଦ ଚନ୍ଦ୍ର ସୁଆର, ପ୍ରଫେସର ଡ.ସରୋଜ ପଟେଲ ପ୍ରମୁଖ ନୂଆଁଖାଇର ମହତ୍ତ୍ୱ ଉପରେ ଆଲୋପାତ କରିଥିଲେ। ଉପସଭାପତି ବିଭୁନ୍ଦେନ୍ଦ୍ର ଠାକୁର, କୋଷାଧ୍ୟକ୍ଷ ବାସୁଦେବ ଠାକୁର,ଅଡିଟର ରମେଶ ଚନ୍ଦ୍ର ସେନଙ୍କ ସମେତ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ଥିଲେ। ପଦ୍ମଲୋଚନ ସରାଫ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ବୈଠକରେ ବିଗତ ବର୍ଷର ଖର୍ଚ୍ଚ ଓ ଆଗାମୀ ବର୍ଷର ଖର୍ଚ୍ଚ ଦାବି ପ୍ରସ୍ତାବ ଗୃହୀତ ହୋଇଥିଲା।

### ଖଣ୍ଡାୟତ ମହାସଭାର କାର୍ଯ୍ୟକାରିଣୀ ବୈଠକ

**ରାଉରକେଲା, ୧୩।୯ (ଦିନେଶ ମିଶ୍ର):** ସେକ୍ଟର-୩ ସ୍ଥିତ ଖଡ୍ଗ ଭବନଠାରେ ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ଇସ୍ପାତ ନଗରୀ କମିଟିର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଶଶଧର ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଖଡ୍ଗ ଭବନର ମରାମତି କାର୍ଯ୍ୟର ଅଗ୍ରଗତି, ଦଶହରାରେ ନୂତନ ସଦସ୍ୟମାନଙ୍କ ଶପଥ ପାଠ ସମାରୋହ, କିଛି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା, ଦଶହରାରେ ୧୨ ହାତ ଖଡ୍ଗ ଶୋଭାଯାତ୍ରା ସହ ଅକ୍ଟୋବର ୨ ତାରିଖରେ ସାଧାରଣ ପରିଷଦ ବୈଠକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନ ସଭ୍ୟଙ୍କୁ ମହାସଭାରେ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରବିନାରାୟଣ ପରିଡା, ଗଙ୍ଗାଧର ନାୟକ, ଜଗନ୍ନାଥ ରାଉତ, କିଶୋର ନାୟକ, ରବି ବାରିକ, କୁଞ୍ଜ ବିହାରୀ ରାଉତ, ଚନ୍ଦ୍ରମଣି ବେଉରା, ରବୀନ୍ଦ୍ର ନାଥ ପ୍ରଧାନ, ଅବନୀ କୁମାର ବଳ, ରଞ୍ଜନ କୁମାର ବିଶ୍ୱାଳଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରବିନାରାୟଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ ଗସ୍ତ କଲେ ନୋଡାଲ ଅଧିକାରୀ

### ସୁଭଦ୍ରା ଯୋଜନାର ସୁପରିଚାଳନା

**ସୁନ୍ଦରଗଡ଼, ୧୩।୯ (ଜୟ ନାରାୟଣ ମେଣ୍ଡୁଲି)**

ସୁଭଦ୍ରା ଯୋଜନା କିଭଳି ସଫଳ ରୂପାୟନ ହେବ ସେ ଉପରେ ଗୁରୁତ୍ୱାରୋପ କରାଯାଉଛି। ସୁନ୍ଦରଗଡ ଜିଲାରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ନିଯୁକ୍ତ ଥିବା ନୋଡାଲ ଅଧିକାରୀଙ୍କ ଦ୍ୱାରା ଦୈନିକ ତଦାରଖ ଏବଂ ନିରୀକ୍ଷଣ ପ୍ରକ୍ରିୟା ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସଦର ବ୍ଲକ ଏବଂ ସୁନ୍ଦରଗଡ଼ ପୌରାଞ୍ଚଳ ପାଇଁ ଅତିରିକ୍ତ ଜିଲାପାଳ (ସାଧାରଣ) ରବି ନାରାୟଣ ସାହୁ, ବାଲିଶଙ୍କରା ବ୍ଲକ ପାଇଁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ବଡ଼ଗାଁ ବ୍ଲକ ପାଇଁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ହେମଗିର ବ୍ଲକ ପାଇଁ ଜିଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ ସାମୁଏଲ ଟପ୍ପୋ, ସବଡେଗା ବ୍ଲକ ପାଇଁ ଓରମାସର ଉପ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କେଶବ ଝା, ଟାଙ୍ଗରପାଲି ଓ ଲେଫ୍ରିପଡ଼ା ବ୍ଲକ ପାଇଁ ସଦର ଉପଜିଲାପାଳ ଦାଶରଥି ସରାବୁ, ବିଶ୍ରା ଓ ଲାଠିକଟା ବ୍ଲକ ପାଇଁ ପାନପୋଷ ଉପଜିଲାପାଳ ବିଜୟ ନାୟକ, ବଣାଇ ଓ କୋଇଡା ବ୍ଲକ ପାଇଁ ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ରାଜଗାଙ୍ଗପୁର ବ୍ଲକ ଏବଂ ପୌରାଞ୍ଚଳ ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ, ଗୁରୁଣ୍ଡିଆ ପାଇଁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, କୁଆଁରମୁଣ୍ଡା ଏବଂ ବୀରମିତ୍ରପୁର ପୌରାଞ୍ଚଳ ପାଇଁ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, କୁତ୍ରା ପାଇଁ ପିଏଆଇଟିଡିଏ ସୁନ୍ଦରଗଡ଼, ନୂଆଗାଁ ବ୍ଲକ ପାଇଁ ପିଏଆଇଟିଡିଏ ପାନପୋଷ, ଲହୁଣୀପଡ଼ା ବ୍ଲକ ପାଇଁ ପିଏଆଇଟିଡିଏ ବଣାଇ ଏବଂ ରାଉରକେଲା ମହାନଗର ନିଗମ ଅଞ୍ଚଳ ପାଇଁ ଡେପୁଟି କମିଶନରଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ସମସ୍ତ ନୋଡାଲ ଅଧିକାରୀ ମାନେ ନିଜ ନିଜ ପ୍ରଦତ୍ତ ଅଞ୍ଚଳ ଗୁଡ଼ିକ ନିୟମିତ ଭାବେ ପରିଦର୍ଶନ କରୁଛନ୍ତି । ସେହିପରି ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର ପରିଦର୍ଶନ କରି ଫର୍ମ ପୂରଣ ପ୍ରକ୍ରିୟା, ଡିଜିଟାଇଜେସନ ଆଦି ନିରୀକ୍ଷଣ କରିବା ସହିତ ହିତାଧିକାରୀଙ୍କ ସହିତ ଯୋଜନା ସମ୍ପର୍କିତ ଆଲୋଚନା ମଧ୍ୟ କରୁଛନ୍ତି ଏବଂ ଜିଲା ରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ତଦାରଖ କରୁଛନ୍ତି।

## ରାଜଗାଙ୍ଗପୁରରେ ଗଣେଶ ବିସର୍ଜନ



**ରାଜଗାଙ୍ଗପୁର, ୧୩।୯ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଶୁକ୍ରବାର ଗଣେଶ ବିସର୍ଜନ ଅନୁଷ୍ଠିତ ହୋଇଯାଇଛି। ବର୍ଷା ଯୋଗୁ ଶୋଭାଯାତ୍ରା ବିଳମ୍ବରେ ଆରମ୍ଭ ହୋଇଥିଲା। ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ କମିଟିର ମେଢ ସହିତ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ ବାଦ୍ୟଯନ୍ତ୍ର ଓ ବାଦ୍ୟଶିଳ୍ପୀଙ୍କ ଚିତାକର୍ଷକ କଳା ନୈପୁଣ୍ୟ ଲୋକଙ୍କୁ ଉତ୍ସାହିତ କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖର, ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସହ ୨୫ ପ୍ଲାଟୁନ ଫୋର୍ସ, ୬ ଡିଏସପି, ୨ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୭୦ ଇନ୍ସପେକ୍ଟର,ଏଏସଆଇ, ଏସଆଇ ଉପସ୍ଥିତ ଥିଲେ। ଲିପଲୋଇଠାରେ ନିର୍ମିତ କୃତ୍ରିମ ପୋଖରୀରେ ମେଢ ଗୁଡିକୁ ବିସର୍ଜନ କରାଯାଇଥିଲା।

## କୁଆଁରମୁଣ୍ଡାରେ ବୁଲିଲା ସୁଭଦ୍ରା ସଚେତନତା ରଥ



ରଥକୁ ସ୍ୱାଗତ କରାଯାଉଛି।

**କୁଆଁରମୁଣ୍ଡା, ୧୩।୯ (ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ବ୍ଲକରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଏହି ରଥକୁ ବିଡିଓ ଗଙ୍ଗାରାମ ବୁଡେକ ଆନୁଷ୍ଠାନିକଭାବେ ଶୁଭାରମ୍ଭ କରିଥିଲେ। ଏହି ସମୟରେ ଏବିଡିଓ ପ୍ରଶାନ୍ତ କୁମାର ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଚୈତନ୍ୟ ହେମ୍ବ୍ରମ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ, ଓଏଲଏମ ବ୍ଲକ ସଂଯୋଜିକ ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଶଙ୍କର ପୁଝାରୀ,ଶ୍ୟାମସୁନ୍ଦର ସାହୁ, ଭୋଲାନାଥ ସାହୁ,ଦିଲ୍ଲୀପ ପଟେଲ,ଜୟଶଙ୍କର ନନ୍ଦ,ଖଗେଶ୍ୱର ଅମାତ,ମନୋଜ ବାର୍ଲା,ବୁଲୁ ଚାନ୍ଦ,ଜୀବନ ପ୍ରଦୀପ ଦାସ,ଲକ୍ଷ୍ମୀ ନାରାୟଣ ସାହୁ,ନାରୀ ନେତ୍ରୀ ରିନା ମେହେର ପ୍ରମୁଖ ଉପସ୍ଥିତ ରହି ରଥ ଶୁଭାରମ୍ଭ କାର୍ଯ୍ୟକୁ ସ୍ୱାଗତ କରିଥିଲେ।କାର୍ଯ୍ୟକ୍ରମରେ ଏସଏଚଜି ଗ୍ରୁପ ମହାସଂଘ କର୍ମୀମାନେ ଉପସ୍ଥିତ ରହି ରଥ ପରିକ୍ରମା କାର୍ଯ୍ୟର ସମସ୍ତ କାର୍ଯ୍ୟ ପରିଚାଳନା କରିଛନ୍ତି। ଏହି ରଥ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ମହିଳାମାନଙ୍କୁ ବହୁଳମାତ୍ରାରେ ସଚେତନ କରାଇବ ବୋଲି ଜଣାପଡିଛି।

## କେନାଲରେ ବୁଡ଼ି ଶିଶୁକନ୍ୟା ମୃତ

**ବଘିଆପଡା, ୧୩।୯ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବିରିଗଡ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି । କେନାଲରେ ବୁଡି ଏକ ୧୫ ମାସର ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଗୁରୁବାର ସନ୍ଧ୍ୟାରେ ବିରିଗଡ ଗ୍ରାମର ତରଣୀ ବେହେରାଙ୍କ ଝିଅ ହଠାତ୍ ନିଖୋଜ ହୋଇଯାଇଥିଲା । ଘରଲୋକ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ । ଘର ପାଖଦେଇ ଯାଇଥିବା କେନାଲରେ ପଡିଯାଇଥିବା ସନ୍ଦେହ କରି ରାତିରେ ଅଗ୍ନିଶମ ବାହିନୀ ବହୁତ ଖୋଜାଖୋଜି କରିଥିଲେ । କିନ୍ତୁ ପତ୍ତା ମିଳି ନଥିଲା । ଶୁକ୍ରବାର ଦିନ ଗ୍ରାମବାସୀ ଓ ସମ୍ପର୍କୀୟମାନେ କେନାଲର ତଳମୁଣ୍ଡରେ ଖୋଜାଖୋଜି କରିଥିଲେ । ପରେ ଘର ଠାରୁ କିଛି ଦୂରରେ ମଗରଦୁଲି ଗ୍ରାମ ନିକଟରେ କେନାଲ ମଧ୍ୟରୁ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରିଥିଲେ । ଶିଶୁଟି ଘର ବାହାରକୁ ଆସି କେନାଲ ମଧ୍ୟକୁ ଖସି ପଡିଥିବା ସନ୍ଦେହ କରାଯାଉଛି । ଖବର ପାଇ ବଘିଆପଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଖବର ପାଇ ବୌଦ୍ଧ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।

## ରାଜ୍ୟପାଳଙ୍କ ଗସ୍ତ ପାଇଁ ସୌନ୍ଦର୍ଯ୍ୟକରଣ



ରେଲୱେ ଷ୍ଟେଶନ ପ୍ଲାଟଫର୍ମ ନଂ. ୬ ଓ ୭କୁ ସଜ୍ଜିତ କରାଯାଉଛି।

**ରାଉରକେଲା, ୧୩।୯ (ସଙ୍ଗୀତା ଜେନା)**

ଆସନ୍ତା ୧୫ ତାରିଖରେ ଦକ୍ଷିଣପୂର୍ବ ରେଲୱେର ଚକ୍ରଧରପୁର ମଣ୍ଡଳରେ ରାଉରକେଲାରୁ ହାୱଡ଼ା ବନ୍ଦେ ଭାରତ ଟ୍ରେନ ଚଳାଚଳ କରିବ। ଏଥିରେ ରାଜ୍ୟପାଳ ରଘୁବର ଦାସଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଉରକେଲା ଆର୍‌ପିଏଫ୍ ଓ ଜିଆର୍‌ପି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ପ୍ଲାଟଫର୍ମ ୬ ଓ ୭ରେ ସୌନ୍ଦର୍ଯ୍ୟକରଣ କରାଯାଉଛି। ଆଲୋକୀକରଣ ସାଙ୍ଗକୁ ସଫେଇ ଓ ଜଳଯୋଗାଣ କାର୍ଯ୍ୟ ହେଉଛି। ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ ତାରିଖରେ ପ୍ଲାଟଫର୍ମ ୬ ଓ ୭ରୁ ଉକ୍ତ ଟ୍ରେନ ଫ୍ଲାଗଅପ୍ କାର୍ଯ୍ୟକ୍ରମ ରହିଛି ବୋଲି ରାଉରକେଲା ଷ୍ଟେଶନ ବାଣିଜ୍ୟକ ଅଧିକାରୀ ଅତୁଲ ଘୋଷ ସୂଚନା ପ୍ରଦାନ କରିଛନ୍ତି।

## ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ସବ୍‌ଡେଗା, ୧୩।୯ (ଅନନ୍ତ ପଟେଲ)**

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକ ସ୍ତରୀୟ ଦ୍ୱିଦିବସୀୟ ବିଦ୍ୟାଳୟ ସମୂହ ଦୌଡକୁଦ ଓ କ୍ରୀଡା ପ୍ରତିଯୋଗିତା ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସବଡେଗା ବ୍ଲକ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସବଡେଗା ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିବା ବେଳେ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ନାଏକ, ସବିତା ପଟ୍ଟନାଏକ, ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ସୁରେଶ ଖରଡିଆ, ମମତା ପଟେଲ, ବିଶ୍ୱ ରଞ୍ଜନ ପଟେଲଙ୍କ ସମେତ ସମସ୍ତ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ। ୧୦ଟି କ୍ଲଷ୍ଟରରୁ ପ୍ରାୟ ୧୪ ବର୍ଷରୁ କମ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ପ୍ରାୟ ୭୦୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହକରି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିରେନ ପ୍ରସାଦ ଟେଟେ ଧନ୍ୟବାଦ ଅର୍ପଣ କରିଥିଲେ।

## ୬.୩୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ଗଞ୍ଜେଇ ବୋଝେଇ ଏକ ବୋଲେରୋ (ନଂ.ଓଡ଼ି୧୫ଏକ୍ସ/୮୩୮୦)କୁ ଜବତ କରିଛି। ସେଥିରେ ବୋଝେଇ ହୋଇଥିବା ୬ କୁଇଣ୍ଟାଲ ୩୬କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି।

## ସୁଭଦ୍ରା ସଚେତନତା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ଲହୁଣୀପଡ଼ା, ୧୨।୯ (ଦାଶରଥି ପଣ୍ଡା)**



ରଥକୁ ସ୍ୱାଗତ କରାଯାଉଛି।

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ପଞ୍ଚାୟତରେ ଗୁରୁବାର ସୁଭଦ୍ରା ସଚେତନତା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସଚେତନତା ରଥ ବିଭିନ୍ନ ଅଞ୍ଚଳ ବୁଲି ହିତାଧିକାରୀଙ୍କୁ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଉଛି। ରଥ ଜିଲାର ବିଭିନ୍ନ ଗାଁ ଗୁଡିକରେ ପହଞ୍ଚିବା ପରେ ସେଠାରେ ସ୍ଥାନୀୟ ବାସିନ୍ଦା ଏବଂ ହିତାଧିକାରୀ ସ୍ୱାଗତ ସମ୍ବର୍ଦ୍ଧନା କରୁଛନ୍ତି। ଏହି କ୍ରମରେ ଲହୁଣୀପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରେ ରଥ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସମସ୍ତ ଗ୍ରାମାଞ୍ଚଳ ଏବଂ ୱାର୍ଡ ଗୁଡିକରେ ଏହି ରଥ ଭ୍ରମଣ କରି ଯୋଜନା ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରୁଥିବା ଜଣାପଡିଛି। ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ସମିତି ସଭ୍ୟା ଲକ୍ଷ୍ମୀ କିଷାନ,ଏଡିଓ ନିଲି ଏମଲେନ କେର୍କେଟା, ଏମବିକେ ସୁନିତା ମାହାନ୍ତ, ଅଙ୍ଗନୱାଡି କର୍ମୀ କଳ୍ପନା ବେହେରା, ସୌଭାଗିନୀ ଦଳେଇ, ୱାର୍ଡ ସଭ୍ୟାସଭ୍ୟ ଓ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମନେ ଉପସ୍ଥିତ ଥିଲେ।

## ଆଇନ କଲେଜ ଆଲୁମ୍‌ନି ଆସୋସିଏଶନ ବୈଠକ

**ରାଉରକେଲା, ୧୩।୯ (ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ଆଇନ କଲେଜର ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଏକ ବୈଠକ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆସୋସିଏଶନ ସଭାପତି ଡକ୍ଟର ସୁମନ ଦତ୍ତ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ତ୍ରିଲୋକନାଥ ପାଣ୍ଡେଙ୍କ ଆବାହକତ୍ୱରେ ଆୟୋଜିତ ହୋଇଥିବା ବେଳେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ବିଭୂ ରଞ୍ଜନ ପଟ୍ଟନାୟକ ଅତିଥି ଭାବେ ଯୋଗଦାନ କରିଥିଲେ। ଆଇନ ମହାବିଦ୍ୟାଳୟର ୫୦ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଲୁମ୍ନିମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ଭବତଃ ଏହି କାର୍ଯ୍ୟକ୍ରମ ଚଳିତ ବର୍ଷର ଶେଷ ସପ୍ତାହ କିମ୍ବା ନୂଆଁବର୍ଷର ପ୍ରଥମ ସପ୍ତାହରେ ପାଳନ କରାଯିବ ବୋଲି ସ୍ଥିର କରାଯାଇଛି। ବୈଠକରେ ଉପସଭାପତି ବବିତା ମହାପାତ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପଶୁପତିନାଥ ଚାଟାର୍ଜୀ, ମନୋରଞ୍ଜନ ଦାଶ, ଆରତୀ ଚୌଧୁରୀ, ଡକ୍ଟର ପ୍ରଜ୍ଞା ପାରମିତା ପଣ୍ଡା, ସୁଦାମ ଦାଶ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖପାତ୍ର କୁଞ୍ଜ ବିହାରୀ ରାଉର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ବ୍ୟକ୍ତିବିଶେଷ।

## ନାରୀ ପାଇଁ ଆଜି ବି ଉପଯୁକ୍ତ ସମାଜ ନାହିଁ

### ଜନସାଥୀ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଆଲୋଚନାଚକ୍ରରେ ମତପ୍ରକାଶ

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମହିଳା ସମିତି ପକ୍ଷରୁ ସମିତିର ପ୍ରତିଷ୍ଠାତା ଜନସାଥୀ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହିଳା ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ସମାରୋହ ଅବସରରେ ନିର୍ଭୟା ପ୍ରସଙ୍ଗରେ ଆଲୋଚନାଚକ୍ର ହୋଇଥିଲା। ଆଲୋଚନାଚକ୍ରରେ ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର ମୁଖ୍ୟଅତିଥି, ଡା. ସୁବଳ କର ସମ୍ମାନିତ ଅତିଥି ଏବଂ ଗଣ ଇସ୍ତାହାରର ସମ୍ପାଦକ ଡଃ ପ୍ରଦୀପ କୁମାର ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ଆଲୋଚନାଚକ୍ରରେ ବକ୍ତାମାନେ କହିଥିଲେ, ନାରୀ ପାଇଁ ଉପଯୁକ୍ତ ସମାଜଟିଏ ଆମେ ଏପର୍ଯ୍ୟନ୍ତ ଗଢ଼ିପାରିନାହୁଁ। ନିର୍ଭୟା ଆଜି ପ୍ରତୀକ ହୋଇଯାଇଛି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ନିର୍ଭୟାମାନେ ବଳାତ୍କାରର ଶିକାର ହେଉଛନ୍ତି। ମହିଳା ସମିତି ଉପସଭାପତି ମନ୍ଦାକିନୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ଗୀତା ମିଶ୍ର ପ୍ରଥମେ ଜନସାଥୀ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟା ମମତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଗଣ ଇସ୍ତାହାରର ମୁଖ୍ୟ ସମ୍ପାଦକ ତଥା ମହିଳା ସମିତିର ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ରାଧାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମହିଳା ସମିତିର ସମସ୍ତ ସଦସ୍ୟା ଅଂଶଗ୍ରହଣ କରି ଜନସାଥୀ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବାହ୍ନରେ ଲେଙ୍ଗୁ ମିଶ୍ର ଛକରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଏବଂ ମହିଳା ସାମିଲ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ କ୍ରୀଡ଼ା ସଙ୍ଗଠକ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଖେଳାଳିମାନେ ସାମିଲ ହୋଇ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଅତିଥି ଏବଂ ଆୟୋଜକ।

# ମହାରାଜା କଂସଙ୍କ ନଗର ଭ୍ରମଣ, କଂସ ଦରବାର ମୁଖ୍ୟ ଆକର୍ଷଣ

**ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳାର ସପ୍ତମ ଦିବସ**

- କଂସ ମହାରାଜାଙ୍କ ଦ୍ୱାରା ସଡ଼କ ସୁରକ୍ଷା, ଜରିମାନା ଆଦାୟ
- ମିନାବଜାର ଦୋଳିରେ ଲାଗିଛି ଭିଡ଼

**ଦେବଗଡ଼,୧୩।୯(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳା ଶୁକ୍ରବାର ସପ୍ତମ ଦିବସରେ ପହଞ୍ଚିଛି। ଅନୁକୂଳ ପାଗ ଯୋଗୁ ମେଳାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିବା ବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଭଦ୍ରକର 'ଗିତମ ମଧୁରମ' ଦ୍ୱାରା ଓଡିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ ଲୋକନୃତ୍ୟ, କଂସ ଦରବାର ଓ ଭଦ୍ରକର ଅକେଷ୍ଟ୍ରା 'ଗୀତ ସମ୍ରାଟ' ଦ୍ୱାରା ଅକେଷ୍ଟ୍ରା ପରିବେଷିତ ହୋଇଥିଲା। ସେହିପରି ରାତ୍ରୀରେ ଫ୍ରି ଶୋ' ଅପେରା ଓ ଟିକେଟେଡ ଶୋ' ଅପେରା ମଧ୍ୟ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ 'ଆନନ୍ଦ ବଜାର' କାର୍ଯ୍ୟକ୍ରମ ଜରିଆରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲ। ଏହାକୁ ଅତିଥି ଭାବେ ଦେବଗଡ ବନଖଣ୍ଡ ଅଧିକାରୀମଗର ଧାନାଜୀ ରାଓସୋ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆୟୋଜକ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ଉପ ସଭାପତି ଜନ୍ମାଜୟ ନାୟକ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସହ କୋଷାଧ୍ୟକ୍ଷ କୃଷ୍ଣ ମେହେର, କ୍ରିଷ୍ଣା ଗୋଏଲ, ସୌରଭ ଗୋଏଲ ଓ ପ୍ରକାଶ କୁମାର ଦେବତାଙ୍କ ସମେତ କମିଟିର ବହୁ ସଦସ୍ୟ ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଗତ ୩ ଦିନ ଭଳି ଶୁକ୍ରବାର ମଧ୍ୟ ହାତୀ ପିଠିରେ ବସି ମହାରାଜ କଂସଙ୍କ ନଗର ପରିଭ୍ରମଣ ଓ କଂସ ଦରବାର ମେଳାର ଅନ୍ୟତମ ମଖ୍ୟ ଆକର୍ଷଣ ସାଜିଥିଲା। ସନ୍ଧ୍ୟାରେ ମୁଖ୍ୟ ଅତିଥି ରାଓସୋ ପୂଜା ମଣ୍ଡପରେ ପହଞ୍ଚି ମହା ପ୍ରଭ ଶ୍ରୀଗଣେଶଙ୍କ ଆଳତି କରିବା ସହ ସାଂସ୍କୃତିକ ମଞ୍ଚରେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରିଆମାଳ ବ୍ଲକ ଭିତରପଦ ଗ୍ରାମର ପ୍ରକୃତି ପ୍ରେମୀ ଲୋକନାଥ ପ୍ରଧାନଙ୍କୁ ମୁଖ୍ୟଅତିଥି ରାଓସୋଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁରୂପ ଭାବେ ମେଳା କମିଟି ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ସ୍ମାରକୀ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଂସ ମହାରାଜ ହାତୀ ପିଠିରେ ବସି ନଗର ପରିକ୍ରମା କରୁଥିବା ବେଳେ ଜନସାଧାରଣଙ୍କୁ ସଡକ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିବା ସହ ଓ ଅମାନିଆଙ୍କ ନିକଟରୁ କୌତୁହଳ ପୂର୍ଣ୍ଣ ଜରିମାନା ଆଦାୟ ଜନସାଧାରଣଙ୍କୁ ବେଶ ଆମୋଦିତ କରୁଛି। କୌଣସି କାର ଚାଳକ ବିନା ସିଟ ବେଲ୍ଟରେ ଗାଡି ଚଳାଉଥିଲେ କିମ୍ବା କୌଣସି ବାଇକ ଚାଳକ ବିନା ହେଲମେଟରେ ବାଇକ ଚଳାଉଥିଲେ ତାଙ୍କୁ ରାସ୍ତାରେ ଅଟକାଇ କୌତୁହଳପୂର୍ଣ୍ଣ ଭାବେ ଅର୍ଥ ଦଣ୍ଡରେ ଦଣ୍ଡିତ କରି ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି। ସେହିପରି ସାଂକେତିକ ଭାବେ (ଜାରିମାନା, ଅଜାରିମାନା) ଆଦାୟ କରି ଏହି ଅର୍ଥ (ସାଧ ମତେ) ବଦଳରେ ଗଣେଶ ମେଳା କମିଟି ଦ୍ୱାରା ପ୍ରସ୍ତୁତ ଲଟେରୀ ଟିକେଟ ପ୍ରଦାନ କରାଯାଉଛି। ତେବେ କଂସ ମହାରାଜଙ୍କ ଦଣ୍ଡାଦେଶକୁ ଲୋକେ ଆଗ୍ରହ ସହକାରେ ମଥାପାତି ସ୍ୱୀକାର କରୁଥିବା ଦେଖିବାକୁ ମିଳୁଛି। ତେବେ ଏଥିପାଇଁ କାହାରିକୁ ବାଧ କରାଯାଉନାହିଁ।



କାର୍ଯ୍ୟକ୍ରମରେ ଜଣଙ୍କୁ ସମ୍ମାନିତ କରାଯାଉଛି।






# ସମାସିଂହା ବଜାର ପିଣ୍ଡିର ପାଚେରି ଭାଙ୍ଗିଲା



ସମାସିଂହା ବଜାର ପିଣ୍ଡିର ପାଚେରି ଭାଙ୍ଗି ପଡ଼ିଛି।

**ନିମ୍ନମାନର କାର୍ଯ୍ୟ ଅଭିଯୋଗ**

**କୋଲାବିରା,୧୩।୯(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ସାମାସିଂହା ଗ୍ରାମର ସାପ୍ତାହିକ ବଜାରଠାରେ ନିର୍ମାଣ ହୋଇଥିବା ବଜାର ପିଣ୍ଡି ସାଙ୍ଗରେ ରହିଥିବା କାନ୍ଥ ଶୁକ୍ରବାର ଭାଙ୍ଗି ଯାଇଛି। ଗ୍ରାମପଞ୍ଚାୟତ ଅନୁଦାନରୁ ୨ ଲକ୍ଷ ଟଙ୍କା ବିନିମୟରେ ଉକ୍ତ ବଜାର ପିଣ୍ଡି ନିର୍ମାଣ କରାଯାଇଥିଲା। ପିଣ୍ଡି ସାଙ୍ଗକୁ ୫୦/୬୦ ଫୁଟର ଏକ ପାଚେରି ମଧ୍ୟ ନିର୍ମାଣ ହୋଇଥିଲା। ତେବେ ପାଚେରିକୁ ସିମେଣ୍ଟ ପ୍ଲାଷ୍ଟର କରା ନ ଯାଇ କେବଳ ଇଟା ଯୋଡି ଦିଆଯାଇଥିଲା। ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର କେହି ସେ ଦିଗରେ କର୍ଣ୍ଣପାତ କରି ନ ଥିଲେ। ଫଳସ୍ୱରୁପ ଉକ୍ତ ପାଚେରି ଭାଙ୍ଗି ଯାଇଛି। ଶୁକ୍ରବାର ବଜାର ଦିନ ନ ଥିବାରୁ କୌଣସି ଧନଜୀବନ ହାନୀ ହୋଇନାହିଁ। ସପ୍ତାହକୁ ୨ ଥର ବୁଧବାର ଓ ଶନିବାରଏଠାରେ ବଜାର ବସୁଥିବା ବେଳେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଲୋକ ଏହି ବଜାର ଉପରେ ନିର୍ଭର କରିଥାନ୍ତି। ସପ୍ତାହକୁ ୨ ଦିନ ଲୋକ ଗହଳି ହୋଇଥାଏ। ଏପରି ସ୍ଥାନରେ କୌଣସି କାର୍ଯ୍ୟର ନିର୍ମାଣ ଖାମଖିଆଲି ଭାବରେ କରାଯିବା କେତେଦୁର ସମାଚିନ ତାହା ବିଚାର ଯୋଗ୍ୟ। ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ପାଚେରି ଭାଙ୍ଗିବା ପରେ ଉକ୍ତ ସ୍ଥାନରେ ନୂତନ ଭାବେ ଶୀଘ୍ର ଏକ ପାଚେରି ନିର୍ମାଣ ପାଇଁ ସମାସିଂହା ଏବଂ କୁଲିତା ସମାସିଂହାର ବେପାରିମାନେ ବିଡିଓ ଅଶ୍ୱନୀ କୁମାର ପଣ୍ଡାଙ୍କ ସାକ୍ଷାତ କରି ଦାବି ଜଣାଇଛନ୍ତି। କେବଳ ଯେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଚେରି ଭାଙ୍ଗିଲା ତାହା ନୁହେଁ। ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ପିଣ୍ଡି ମଧ୍ୟ ବହୁ ଦିନରୁ ଫାଟି ଗଲାଣି। କାର୍ଯ୍ୟର ଅନିୟମିତତା ଯୋଗୁ ହୋଇଥିବା ନିମ୍ନ କାର୍ଯ୍ୟର ଉପଯୁକ୍ତ ତଦନ୍ତ କରାଯାଇ ଦୋଷି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସମାସିଂହା ପୂର୍ବତନ ସରପଞ୍ଚ ଦୁଲାରାମ ସେନାପତି ଦାବି କରିଛନ୍ତି।

# ଗଡ଼ିଲା କୃଷି ସଚେତନତା ରଥ




କୃଷି ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ଦେବଗଡ଼,୧୩।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ ଗଡ଼ିଲା କୃଷି ସଚେତନତା ରଥ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଜିଲା କୃଷି ବିଭାଗ ସହାୟତାରେ ଅଣ ଧାନଚାଷ ସମ୍ପର୍କିତ କୃଷି ସଚେତନତା ରଥ ଓ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ପାଲା ବାରକୋଟ ବ୍ଲକ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରଠାରେ ସିଏସ୍‌ଡିଆର ଅନୁଷ୍ଠାନ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି କୃଷି ରଥ ବ୍ଲକ କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, ସହକାରୀ କୃଷି ଅଧିକାରୀ ଦିପ୍ତିମୟୀ ଗଡ଼ନାୟକ, ଜିଲା ସଂଯୋଜକ ବିଭୁତି ଭୂଷଣ ପତି, ସମ୍ପାଦିକା ସିଏସଡିଆର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଚାଷୀମାନେ କିପରି ଅଣଧାନ ଚାଷ ଯଥା ତୈଳବୀଜ, ଡାଲି ଜାତୀୟ, ପୃଷ୍ଟି ଶସ୍ୟ ଓ ପନିପରିବା ଚାଷ କରିବେ ଓ ସରକାରଙ୍କ ଥିବା ସମସ୍ତ ଯୋଜନା ଓ ପ୍ରୋତ୍ସାହନ ବିଷୟରେ ସଚେତନ ହେବେ ଓ ଆୟ ତାଙ୍କର ଦ୍ୱିଗୁଣିତ ହେବ। ଏହି ସଚେତନତା କାର୍ଯ୍ୟକ୍ରମ ବୃହତ ଉଠା ଜଳସେଚନ ପ୍ରକଳ୍ପ ଅଧୀନରେ ଥିବା ସମସ୍ତ ଗ୍ରାମରେ କରିବାର ଯୋଜନା କରାଯାଇଛି।

# ସୁଭଦ୍ରା ଯୋଜନା ନେଇ ସଚେତନତା ରଥ ଭ୍ରମଣ

**ଝାରସୁଗୁଡ଼ା,୧୩।୯(ସଞ୍ଜୟ ମାଲି)**

ଝାରସୁଗୁଡ଼ା ଜିଲାରେ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ଅନ୍ତର୍ଭୁକ୍ତ କରାଇବା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ଲକ ତଥା ପୌରାଞ୍ଚଳରେ ସଚେତନତା ରଥ ଭ୍ରମଣ ଶୁକ୍ରବାର ଆରମ୍ଭ କରାଯାଇଛି। ଜିଲାରେ ମୋଟ ୪୩୩ଟି ଜନସେବା କେନ୍ଦ୍ର ଓ ୯୭ଟି ମୋ ସେବା କେନ୍ଦ୍ରରେ ମହିଳାମାନେ କିପରି ସ୍ୱଚ୍ଛନ୍ଦରେ ଆବେଦନ ପ୍ରକ୍ରିୟା ପୂରଣ ପୂର୍ବକ ଯୋଜନାରେ ନିଜକୁ ସାମିଲ କରିପାରିବେ ସେ ନେଇ ସଚେତନତା ରଥ ମାଧ୍ୟମରେ ପ୍ରଚାର ପ୍ରସାର କାର୍ଯ୍ୟ ଚାଲୁ ରହିଛି। ହିତାଧିକାରୀମାନେ ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ଅବଗତ ହେବା ସହ ଯୋଜନା ଦ୍ୱାରା ଉପକୃତ ହେବା ସଚେତନତା ସୃଷ୍ଟିର ଉଦ୍ଦେଶ୍ୟ। ସଚେତନତା ସୃଷ୍ଟି ସକାଶେ ଜିଲାରେ ୩ଟି ରଥର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟାୟକ୍ରମେ ଏହି ରଥ ସବୁ ବ୍ଲକ ଓ ପୌରାଞ୍ଚଳରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପରିଭ୍ରମଣ କରୁଛି। ଏହି ସଚେତନତା ରଥ ସେପ୍ଟେମ୍ବର ୧୬ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲାର ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଥ ପରିଭ୍ରମଣ ସମୟରେ ମହିଳା ଓ ଗ୍ରାମବାସୀଙ୍କ ଦ୍ୱାରା ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।



ଅଞ୍ଚଳବାସୀ ସୁଭଦ୍ରା ରଥକୁ ସ୍ୱାଗତ କରୁଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ




ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୧୩।୯(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ବୁଢ଼ାପାଳ, ଗ୍ରାମପଞ୍ଚାୟତ ସରପଞ୍ଚ ଦିଲୀପ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ଜଳନ କରିଥିଲେ। ଏହା ସହିତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବନିତା ବେହେରା ବରେଣ୍ୟ ଅତିଥି ଭାବେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସଭାରେ ଅତିଥିମାନଙ୍କୁ ଆସନ ଅଳଙ୍କୃତ କରିବାକୁ ନିବେଦନ କରିଥିଲେ। ଯଥା ସମୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷା ରାଜଶ୍ରୀ ସ୍ୱାଇଁ ବିଦ୍ୟାଳୟରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଭା ସାଙ୍ଗ ହେବା ପୂର୍ବରୁ କୃତୀ ଛାତ୍ରୀଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଯଥା ହମ୍ବରା ମାରାଣ୍ଡି, ଆରାଧାନା ରାଉତ, ତୁଷାରକାନ୍ତ ପଧାନ, ଅମୂଲ୍ୟ କୁମାର ସାହୁ, ମିନତି ମହାରଣା, ଭାଗ୍ୟଶ୍ରୀ ସାହୁ , ଲିପ୍ସା ପ୍ରଧାନ ,ଜୁଲିପା ଦେହୁରୀ ଆଦିଙ୍କ ସହଯୋଗରେ ସାଫଲ୍ୟ ମଣ୍ଡିତ ହୋଇଥିଲା। ସର୍ବଶେଷରେ ହେମଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହିଭଳି ଭାବେ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି।

# ବଜ୍ରପାତ ନେଲା ଜୀବନ

**କୋଲାବିରା,୧୩।୯(ଚିନ୍ମୟ କୁମାର ବହିଦାର):** ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ଦଣ୍ଡାବୁଡା ଗ୍ରାମର ରମଣୀ ରଞ୍ଜନ ଲୁହା(୫୦) ନାମକ ଜଣେ ବ୍ୟକ୍ତିଙ୍କ ଶୁକ୍ରବାର ଅପରାହ୍ନ ୨ଟାରେ ବଜ୍ରପାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମତେ ରମଣୀ କୁଲୁପାଲିଠାରୁ ନିଜ ଗାଁ ଦଣ୍ଡାବୁଡାକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଘଡଘଡି ସହିତ ବଜ୍ରପାତରେ ସେ ଟଳିପଡିଥିଲେ। ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଡାକରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମୃତକଙ୍କ ସ୍ତ୍ରୀ ମନୋରମା କୋଲାବିରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ମୃତକଙ୍କ ଗ୍ରାମ ନିକଟରେ ଥିବା ଏକ ଗଛରେ ପୂର୍ବରୁ ମଧ୍ୟ ୨ଥର ବିଜୁଳି ମାରିଥିବା ଦେଖାଯାଇଛି। ତେବେ ଏହା ବଜ୍ରପାତରେ ମୃତ୍ୟୁ ନା ଅନ୍ୟ କେଉଁ କାରଣରୁ ତାହା ସ୍ପଷ୍ଟ ହୋଇପାରିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ବଡ଼ମାଲ ଅଞ୍ଚଳରେ ବିଦ୍ୟୁତ୍ କାଟ

**ଝାରସୁଗୁଡ଼ା,୧୩।୯(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହର ଉପକଣ୍ଠ ବଡ଼ମାଲ ପଞ୍ଚାୟତ ଅଞ୍ଚଳରେ ଦୀର୍ଘ ଦିନରୁ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହେଉଛି। ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଗତ କିଛି ବର୍ଷ ହେବ ଏହି ଅଞ୍ଚଳରେ ଦିନକୁ ୬ ଘଣ୍ଟାରୁ ୮ ଘଣ୍ଟା ବିଦ୍ୟୁତ୍ କାଟ ହେବା ଫଳରେ ଝାରସୁଗୁଡ଼ା କେନ୍ଦୁପତ୍ର ବନଖଣ୍ଡ କାର୍ଯ୍ୟାଳୟ, ଝାରସୁଗୁଡ଼ା ବନଖଣ୍ଡ କାର୍ଯ୍ୟାଳୟ, କୃଷି ବିଜ୍ଞାନ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟବସାୟୀ ଦୋକାନୀ, ଛାତ୍ରୀଛାତ୍ରଙ୍କ ସମେତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ଦୁଇ ଦିନ ତଳେ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ହୋଇଛି। ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ପରିଲକ୍ଷିତ ହେଉଛି। ଆଗାମୀ ଦିନରେ ଯଦି ଏପରି ବିଦ୍ୟୁତ୍ କାଟ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ବୋଲି ସୂଚନା ମିଳୁଛି।

# ତ୍ରି' ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼,୧୩।୯(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଜାଗୃତି କ୍ଲବ ଆନୁକୂଲ୍ୟରେ ଏକ ତ୍ରି' ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଜାଗୃତି କ୍ଲବ ସଭାପତି ପ୍ରଦୀପ ମୁଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାଜପା ଯୁବନେତା ଗଜାନନ ବେହେରା ପ୍ରତିଯୋଗିତା ଉଦଘାଟନ କରିବା ସହ ଖେଳାଳିମାନଙ୍କ ସହିତ ହାତ ମିଳାଇ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ହାତୀ ଯୋଗଦେଇଥିଲେ। ଶେଷରେ କ୍ଲବ ସମ୍ପାଦକ ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମାମଣିତ ଆଜିର ଉଦ୍‌ଘାଟନୀ ମ୍ୟାଚ ବାରକୋଟ ବ୍ଲକ କଣ୍ଟାପାଲି ଓ ବରନାଳି ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଗୁଡିକୁ ରେଫରୀ ଭାବେ ପରେଶ ଭୋଇ, ବିଜୟ ମିର୍ଦ୍ଧା, ପରେଶ କୁମାର ଗଡନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ କ୍ରିଷ୍ଣା ନାୟକ ମ୍ୟାଚର ଧାରା ବିବରଣି ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଭାରତ ବେହେରା, ମହେଶ୍ୱର କିଷାନ, ବାବୁଲୀ ଦୀପ ଓ ବୁଧୁ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ବୁରୋମାଲ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଝାରସୁଗୁଡ଼ା,୧୩।୯(ସଞ୍ଜୟ ମାଲି)**

ଝାରସୁଗୁଡ଼ା ସହରସ୍ଥିତ ୨୧ ନମ୍ବର ୱାର୍ଡ ବୁରୋମାଲ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ବୁରୋମାଲ ଅଞ୍ଚଳର ଧର୍ମଶାଳା ଛକ, ହରିଜନ ପଡ଼ା, କେଉଟପଡ଼ା, ତେଲିପଡ଼ା, ତଳିପଡା, ସତନାମୀ ପଡ଼ା ସମେତ ବିଭିନ୍ନ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେବ ଧର୍ମଶାଳା ପଛପଟ ମୁଖ୍ୟ ଗେଟ ନିକଟ ନାଳ ଉପରେ କୁଢ଼କୁଢ଼ ଅଳିଆ ଆବର୍ଜନା ପଡିଥିବା ଦେଖିବାକୁ ମିଳୁଛି। ରାସ୍ତା କଡ଼ରେ ଅସ୍ଥାୟୀ ଦୋକାନ ଥିବାବେଳେ ଅଇଳା ଆବର୍ଜନା ପକାଉଥିବା ପରିଲକ୍ଷିତ ହେଉଛି। ଅଇଳା ଆବର୍ଜନା ପକାଉଥିବା ନିକଟରେ ମୁଖ୍ୟ ରାସ୍ତା ଥିବାରୁ ଗାଡ଼ି ମୋଟର ତଥା ବାଟୋଇ ଯିବାଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନେକ ସମୟରେ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକେ ଦୁର୍ଗନ୍ଧ ହେଉଥିବା ଅଭିଯୋଗ କରିଛନ୍ତି। କିନ୍ତୁ ପୌର ପରିଷଦ ସଫେଇ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହି ପରି ପରିସ୍ଥିତି ସୃଷ୍ଟି ହୋଇଛି। କୁଢ଼କୁଢ଼ ଅଳିଆ ଆବର୍ଜନା ପୋତି ଗନ୍ଧମୟ ହେବା ଫଳରେ ପ୍ରତିଦିନ ବୁରୋମାଲ ସମେତ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର, ପୁରୁଷ, ମହିଳା, ଯୁବକ ଯୁବତୀଙ୍କ ସମେତ ବରିଷ୍ଠ ନାଗରିକ ଯିବାଆସିବା ସମୟରେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପୌର ପରିଷଦ ପକ୍ଷରୁ ମୁଖ ରାସ୍ତା ସଫାସୁତୁରା କରୁଥିବା ବେଳେ ଗଳିକନ୍ଦି ସଫାସୁତୁରା କରୁ ନ ଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ନିକଟରେ ଥିବା ମୁଖ୍ୟ ରାସ୍ତା ନାଳ ଉପରେ କୁଢ଼କୁଢ଼ ଅଳିଆ ଆବର୍ଜନାରେ ମଦ ବୋତଲ ପଡିଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ସଫାସୁତୁରା ପ୍ରତି ଧ୍ୟାନଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ବୁରୋମାଲ ଅଞ୍ଚଳରେ ଅଳିଆ ଆବର୍ଜନା ପଡ଼ି ରହିଛି।

# ନୂଆଁ ଖାଇଲେ କଳାହାଣ୍ଡିର ଗଡ଼ଜାତ ଅଞ୍ଚଳବାସୀ

## ପରିବାର ସହ ସାମିଲ ହେଲେ ଜୁନାଗଡ଼ ବିଧାୟକ

ଭବାନୀପାଟଣା,୧୩।୯ (ଉତ୍ତମ କୁମାର ଦାଶ)

ନୂଆଁଖାଇ କଳାହାଣ୍ଡି ଜିଲାର ଏକ ମୁଖ୍ୟ ପରମ୍ପରା। ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାରେ ସପ୍ତମୀ ତିଥିରେ ନୂଆଁଖାଇ ପାଳନ ହେଉଥିବାବେଳେ ଏଠାରେ ପ୍ରତିପଦାଠାରୁ ଆରମ୍ଭକରି ଦଶହରା ଦଶମୀ ପର୍ଯ୍ୟନ୍ତ ଚାଲିଥାଏ। ଶୁକ୍ରବାର ଜିଲାର ଗଡ଼ଜାତ ଅଞ୍ଚଳରେ ପାଳନ ହୋଇଛି ଗଣପର୍ବ ନୂଆଁଖାଇ। ଜିଲାର ଅଧିଷ୍ଠାତ୍ରୀ ଦେବୀ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କଠାରେ ସକାଳ ୮ଟା ୨୫ରୁ ୯ଟା ୧୫ ମଧ୍ୟରେ ବିଧି ଅନୁଯାୟୀ ନବାନ୍ନ ଲାଗିଥିଲା। ଦିନ ୯ଟାରୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ମା'ଙ୍କ ନିକଟରେ ନବାନ୍ନ ଲାଗିବା ପରେ ଜିଲାର ଗଡ଼ଜାତ ଅଞ୍ଚଳ ଭବାନୀପାଟଣା ସମେତ ଲାଞ୍ଜିଗଡ଼, ଜୟପାଟଣା, ମହୁଲପାଟଣା, କର୍ଲାପାଟ, ଏମ୍. ରାମପୁର ଓ ମାଣିକେଶ୍ୱରୀଙ୍କ ମୂଳପୀଠ ଥୁଆମୂଳ ରାମପୁରରେ ପାଳିତ ହୋଇଥିଲା ନୂଆଁଖାଇ ପର୍ବ। ଏହି ସମୟରେ ନିଜ ପରିବାର ସହ ଏକତ୍ରିତ ହୋଇ କୋରେଇ ପତ୍ରରେ ନୂଆଧାନରେ ପ୍ରସ୍ତୁତ ଖିରି, ପିଠା ଖାଇଥିଲେ ଗଡ଼ଜାତବାସୀ। ପରେ ଜୁହାର ଭେଟ କାର୍ଯ୍ୟକ୍ରମ ହୋଇଥିଲା। ବଡ଼ମାନଙ୍କୁ ମୁଣ୍ଡିଆ ମାରି ସାନମାନେ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଭବାନୀପାଟଣାରେ ନିଜ ପରିବାର ସହ ନୂଆଁଖାଇରେ ସାମିଲ ହୋଇଥିଲେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର।



ଜୁନାଗଡ଼ ବିଧାୟକ ନିଜ ପରିବାର ସହ ସାମିଲ ହୋଇ ନୂଆଁ ଖାଉଛନ୍ତି।

# ନୂଆପଡ଼ା ରେଳ ଷ୍ଟେଶନକୁ ଉପେକ୍ଷା

ନୂଆପଡ଼ା, ୧୩।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ମହକୁମାରେ ରହିଥିବା ରେଳ ଷ୍ଟେଶନକୁ ଭାରତୀୟ ରେଳ ବିଭାଗ ପକ୍ଷରୁ ଉପେକ୍ଷା କରାଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂଆପଡ଼ା ରୋଡ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ ସହ ଅନ୍ୟ ଏକ୍ସପ୍ରେସ ରହଣି ପାଇଁ ଜିଲା ଓକିଲ ସଂଘ ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ମେଲ ଯୋଗେ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ଡିଆର୍‌ଏମ୍ ସମ୍ବଲପୁରଙ୍କୁ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ସୂଚନାଯୋଗ୍ୟ, ଏହି ରେଳ ଷ୍ଟେଶନ ଉପରେ ନୂଆପଡ଼ା ସମେତ ପଡୋଶୀ ବରଗଡ଼, ବଲାଙ୍ଗୀର ଜିଲାର ଲୋକେ ନିର୍ଭର କରିଥାନ୍ତି। ସମ୍ପ୍ରତି ରେଳ ବିଭାଗ ଦ୍ୱାରା ପଡୋଶୀ ଛତିଶଗଡ଼ର ଦୁର୍ଗରୁ ପଡୋଶୀ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଆରମ୍ଭ ହେବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସର ରହଣି ନୂଆପଡ଼ାରେ ଦିଆଯାଇ ନାହିଁ। ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର ରେଳ ବିଭାଗର ଏଭଳି ନିଷ୍ପତ୍ତିକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନର ରୂପ ନେବ ବୋଲି ଚେତାଇ ଦେଇଛନ୍ତି।

# ଦୁର୍ଗା ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ



ମା'ଙ୍କ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଉଛି।

କୋକସରା,୧୩।୯ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

ଆସୁଛି ପାର୍ବଣ ଋତୁ, ଧରାବତରଣ କରିବେ ମା' ଜଗଜ୍ଜନନୀ ଦୁର୍ଗା। ଏଥିପାଇଁ ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାରେ ସାର୍ବଜନୀନ ଦୁର୍ଗା ପୂଜା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଦୁର୍ଗାଦେବୀଙ୍କ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ତିଥିରେ ରେଙ୍ଗାଲପାଲି ମୁତ୍ରା ନଦୀ କୂଳରୁ ପୂଜକ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀଙ୍କ ପୂଜାର୍ଚ୍ଚନା ପରେ କର୍ତ୍ତା ପୀତାମ୍ବର ପଟ୍ଟନାୟକ ଦେବୀଙ୍କ ମୃଣ୍ମୟୀ ପ୍ରତିମା ନିର୍ମାଣ ପାଇଁ ମାଟି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁର୍ଗା ପୂଜା କମିଟି ସଭାପତି ଶ୍ରୀନିବାସ ପ୍ରଧାନୀ, ଉପସଭାପତି ନନ୍ଦ କିଶୋର ଧରୁଆ, ସମ୍ପାଦକ ମହେଶ ଗୁପ୍ତା, ବନମାଳୀ ପ୍ରଧାନୀ, ମାନସ ପ୍ରଧାନୀ, ଦୁଷ୍ମନ୍ତ ପାଢୀଯୋଷୀ, ଅମୂଲ୍ୟ କୁମାର ବିଶି, ସୌମ୍ୟ ରଞ୍ଜନ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ତମ୍ବା କେବୁଲ ତାର ଚୋରି: ୨ କୋର୍ଟ ଚାଲାଣ

ଲାଞ୍ଜିଗଡ,୧୩।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼ କମ୍ପାନୀରୁ ତମ୍ବା କେବୁଲ ତାର ଚୋରି ଅଭିଯୋଗରେ ଶୁକ୍ରବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଞ୍ଜିଗଡ ବ୍ଲକ ବାତେଲିମାର ଲାଲମୋହନ ନାଏକ ଓ ରାୟଗଡ଼ା ଜିଲା ଆମ୍ବଦଲା ଥାନା ଡେଙ୍ଗସର୍ଗି ଗାଁର ରମାକାନ୍ତ ବିଭାର। ସୂଚନାନୁସାରେ ବୁଧବାର ବିଳମ୍ବିତ ରାତିରେ ବେଦାନ୍ତର ସୁରକ୍ଷା କର୍ମୀ ପାଟ୍ରୋଲିଂ କରୁଥିବା ବେଳେ ୪ ଜଣ ବ୍ୟକ୍ତି କାରଖାନା ଅଞ୍ଚଳରେ ତମ୍ବା ତାର ଚୋରି କରୁଥିବା ଦେଖିଥିଲେ। ୨ଜଣଙ୍କୁ କାବୁ କରିଥିବାବେଳେ ୨ ଜଣ ଦୌଡ଼ି ପଳାଇଥିଲେ। ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗୁରୁବାର ଲାଞ୍ଜିଗଡ ଥାନାକୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ସେମାନଙ୍କୁ ଗିରଫ କରି ୧୦୦ ମିଟର ଲମ୍ବର ତମ୍ବା କେବୁଲ ତାର ଓ ତିନୋଟି ଇଲେକ୍ଟ୍ରିକ ପ୍ୟାନେଲ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ୮୪/୨୪) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ କହିଛନ୍ତି।

# ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ

ନୂଆପଡ଼ା,୧୩।୯ (ମକାରୁ ବେମାଲ)

ସମଗ୍ର ଦେଶରେ ୧୭ ସେପ୍ଟେମ୍ବରଠାରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯିବ। ଚଳିତ ବର୍ଷ କାର୍ଯ୍ୟକ୍ରମର ଶୀର୍ଷକ ରହିଛି ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା। ଏହି ପକ୍ଷକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବର୍ଜ୍ୟବସ୍ତୁ ଥିବା ସ୍ଥାନକୁ ସଫା ରଖିବା, ପରିମଳ କର୍ମଚାରୀଙ୍କ ଅବଦାନକୁ ଚିହ୍ନିବା ଆଦି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମର ସଫଳତା ପାଇଁ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ଓ ବେସରକାରୀ କର୍ମଚାରୀ ତଥା ଜନସାଧାରଣଙ୍କ ଭାଗୀଦାରି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ପେଡ଼୍ ମା' କେ ନାମ କାର୍ଯ୍ୟକ୍ରମ, ବଜାର ତଥା ଜଳ ଉତ୍ସର ସଫା ସୁତରା, ସ୍ୱତନ୍ତ୍ର ଗ୍ରାମସଭା/ୱାର୍ଡ ସଭା, ଜିରୋ ବର୍ଜ୍ୟବସ୍ତୁ ଗ୍ରାମ ଘୋଷଣା କରାଯିବ। ୨୭ ସେପ୍ଟେମ୍ବର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ଜନସାଧାରଣଙ୍କ ସହାୟତାରେ ସଫେଇ କରାଯିବାକୁ ବିଡିଓ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ସଚେତନତା ପାଇଁ କବିତା, ପ୍ରବନ୍ଧ, ଚିତ୍ରାଙ୍କନ, ପୋଷ୍ଟର ଲେଖା, କୁଇଜ୍ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ପକ୍ଷ ପାଳନ ଅବସରରେ ଶ୍ରେଷ୍ଠ ସ୍ୱଚ୍ଛତା ପ୍ରଦର୍ଶନ କରିଥିବା ପଞ୍ଚାୟତ, ବିଜ୍ଞାପିତ ଅଞ୍ଚଳ, ଅନୁଷ୍ଠାନଙ୍କୁ ପୁରସ୍କୃତ କରାଯିବ। ସଫେଇ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ବୋଲି କୁହାଯାଇଛି। ବୈଠକରେ ଜିଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ୱଚ୍ଛତା ହିଁ ସେବା ପକ୍ଷ ସଫଳତାର ସହିତ ପାଳନ କରିବା ପାଇଁ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ।



ସ୍ୱଚ୍ଛତା ହିଁ ସେବା ଉପରେ ଆଲୋଚନା କରାଯାଉଛି।

**୧୭ରୁ ପାଳନ ହେବ 'ସ୍ୱଚ୍ଛତା ହିଁ ସେବା' ପକ୍ଷ**

# ଗଣେଶ ପୂଜା ଉଦ୍‌ଯାପିତ

ପାଇକମାଳ,୧୩।୯(ବଡ ଶତପଥି):

ବରଗଡ ଜିଲା ପାଇକମାଳ ନରସିଂ ପଡ଼ାରେ ୭ ଦିନ ଧରି ଚାଲିଥିବା ଗଣେଶ ପୂଜା ଶୁକ୍ରବାର ଉଦଯାପିତ ହୋଇଯାଇଛି। ପୂଜା ଆରମ୍ଭରୁ ପଡ଼ାରେ ଗୋଟିଏ ସଭା କରି କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଆଶିଷ ମାହାର, ସଭ୍ୟ ଭାବେ ଅନିଲ ସାହୁ, ପ୍ରଦୀପ ପଧାନ, ଲିଙ୍ଗ ବାଗ, ନନ୍ଦଲାଲ ଗୋଛିଙ୍କୁ ମନୋନୀତ କରାଯାଇ ପୂଜା ଦାୟିତ୍ୱ ଦିଆଯାଇଥିଲା। କଳସ ଯାତ୍ରା ଦିନ ପଡ଼ାର ସମସ୍ତ ମା' ଭଉଣୀମାନେ ପବିତ୍ର ଜଳ ଆଣି ପୂଜା ପୀଠରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ନରେଶ ଥପା ଓ ତାଙ୍କ ସହ ଧର୍ମିଣୀ ଚନ୍ଦ୍ରିକା ଥପା ଦାୟିତ୍ୱ ତୁଲାଇ ଥିବା ବେଳେ ଉମେଶ ଦେବତା ପୂଜା କାର୍ଯ୍ୟ କରିଥିଲେ। ଗଣେଶ ପୂଜା ପୀଠରେ ପ୍ରତ୍ୟେକ ଦିନ ସଂକୀର୍ତ୍ତନ, ଭାଗବତ ଗାୟନ, ଭଜନ ଆଦି କରାଯାଇଥିଲା।

# ମା' ଇନ୍ଦ୍ରାଣୀଦେବୀଙ୍କ ପୀଠରେ ନୂଆଁଖାଇ ଭେଟ୍‌ଘାଟ୍



ଭେଟ୍‌ଘାଟରେ ସାମିଲ ଅଞ୍ଚଳବାସୀ।

ନୂଆପଡ଼ା,୧୩।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଦେଓଦରା ଇନ୍ଦ୍ରାଣୀ ଦେବୀ ପୀଠଠାରେ ମା' ଇନ୍ଦ୍ରାଣୀ ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ ସଭାପତି ମୁରଲୀଧର ଭୋଇଙ୍କ ନେତୃତ୍ୱରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଖଣ୍ଡ ଗାଁର ଗହଟିଆ, ଝାଙ୍କର ଉପସ୍ଥିତ ରହିଥିବା ବେଳେ ପୂଜକ ଧବଳେଶ୍ୱର ପୂଜାରି ପୂଜା ପାଠ କରି ମା'ଙ୍କଠାରେ ନବାନ୍ନ ଭୋଗ ଅର୍ପଣ କରିଥିଲେ। ପରେ ଉପସ୍ଥିତ ସମସ୍ତେ ଏକାଠି ବସି କୁରେପତ୍ରରେ ନବାନ୍ନ ଖାଇଥିଲେ। ଜୁହାର ଭେଟରେ ସାନମାନେ ବଡ଼ମାନଙ୍କୁ ଜୁହାର କରି ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମରେ ଜୟସିଂ ଛାତ୍ରିଆ, ମହାଦେବ ଦୀପ, ଚୁନା ପୂଜାରୀ, ମହେନ୍ଦ୍ର ଦୀପ, ନରେନ୍ଦ୍ର ପୂଜାରୀ, ସାନ ମହାନନ୍ଦ, ଶୋଭାରାମ ମାଝି, ଭଜ ମାଝି, ଜୟନ୍ତ ବାଗ, ଘନ ବିନ୍ଧାଙ୍କ ସମେତ ଟ୍ରଷ୍ଟ ବୋର୍ଡ଼ର କର୍ମକର୍ତ୍ତା ସହଯୋଗ କରିଥିଲେ।



ଖଜିଆଳ ଲକ୍ଷ୍ମୀପୁରଠାରେ ନୂଆଖାଇରେ ସାମିଲ ପରିବାର ସଦସ୍ୟ।

# ସ୍ୱର୍ଗତ ଲକ୍ଷ୍ମୀ ଚରଣ ବାରିକ ବଂଶଜ ପାଳିଲେ ନୂଆଁଖାଇ

ଖଡ଼ିଆଳ,୧୩।୯(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଲକ୍ଷ୍ମୀପୁରଠାରେ ସ୍ୱର୍ଗତ ଲକ୍ଷ୍ମୀଚରଣ ବାରିକଙ୍କ ବଂଶର ୭୦ ସଦସ୍ୟ ଶୁକ୍ରବାର ସାମୂହିକ ଭାବେ ନୂଆଁଖାଇ ପାଳନ କରିଛନ୍ତି। ପରିବାରର ବୟୋଜ୍ୟେଷ୍ଠ ମକୁନ୍ଦଦେବ ବାରିକ, ଗିରିଧାରୀ ବାରିକ, ଖଗେଶ୍ୱର ବାରିକ, କୋଦଣ୍ଡଧର ବାରିକ, ପରମେଶ୍ୱର ବାରିକ, ନାରାୟଣ ବାରିକ, ଯୁଗେଶ୍ୱର ବାରିକ, ଯୋଗେନ୍ଦ୍ର ବାରିକ, ଭଗବାନ ବାରିକ, ନୟନ ବାରିକ, ଜିତୁ ବାରିକ, ଅଭିଲାଷ ବାରିକ ପ୍ରମୁଖ ସହଯୋଗ କରିଥିବା ବେଳେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ପରେ ପରିବାର ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ବନ୍ଧୁବର୍ଗ ସାମିଲହୋଇ ନୂଆଁ ଖାଇଥିଲେ।

# ନୂଆପଡ଼ା ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ୍ ରହଣି ଦାବି

ନୂଆପଡ଼ା,୧୩।୯ (ମକାରୁ ବେମାଲ)

ନୂଆପଡ଼ା ରେଳ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ ରହଣି ପାଇଁ ଶୁକ୍ରବାର ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ଜେନେରାଲ ମ୍ୟାନେଜର ଭୁବନେଶ୍ୱରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। କାଉନସିଲର ସଙ୍ଗୀତା ପାରେଖଙ୍କ ନେତୃତ୍ୱରେ କାଉନସିଲର ମଳୟ ରଞ୍ଜନ ମଣ୍ଡଳ, ଥାନେଶ୍ୱର ସୁନା, କୁଞ୍ଜବିହାରୀ ବାଗ, ଗିରିଧାରୀ ରଣା, ବିମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ବନ୍ଦେ ଭାରତ ଏକ୍ସପ୍ରେସ ସହ ଅନ୍ୟ ଏକ୍ସପ୍ରେସ୍ ଟ୍ରେନ୍ ରହଣି, ନୂଆପଡା ଷ୍ଟେଶନର ଉନ୍ନତୀକରଣ, ଓଭରବ୍ରିଜ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ଉଲ୍ଲେଖ କରାଯାଇଛି। ସେମାନେ ଦର୍ଶାଇଛନ୍ତି, ବିଭିନ୍ନ ଜରୁରୀ କାର୍ଯ୍ୟ ପାଇଁ ଲୋକେ ନୂଆପଡ଼ା ଆସୁଛନ୍ତି । ହେଲେ ଏକ୍ସପ୍ରେସ୍ ରହଣି ସୁବିଧା ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦାବି ପୂରଣ କରିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଅଣଦେଖା କରାଗଲେ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବ ବୋଲି କାଉନସିଲରମାନେ ଚେତାବନୀ ଦେଇଛନ୍ତି ।



ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କର୍ଲାମୁଣ୍ଡାରେ ସୁଭଦ୍ରା ସଚେତନତା ରଥ



ବିଡିଓ ମଣ୍ଟୁ ଖମାରୀ ସୁଭଦ୍ରା ରଥକୁ ଶୁଭାରମ୍ଭ କରୁଛନ୍ତି।

କର୍ଲାମୁଣ୍ଡା,୧୩।୯(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସୁଭଦ୍ରା ରଥ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଡିଓ ମଣ୍ଟୁ ଖମାରୀ, ତହସିଲଦାର ଅରୁଣ ବର୍ଗେ, ସିଡିପିଓ କଳ୍ପଲତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବିପିସି ବିପିନ ବାରିକ, କିରାଣି ପ୍ରଦୀପ କୁମାର ମାଝି, ସରପଞ୍ଚ ସଂଘ ସଭାପତି ବରୁଣ ଛତ୍ରିଆ, ମିଶନ ଶକ୍ତି ବ୍ଲକ୍ ସଭାନେତ୍ରୀ ଜୟନ୍ତୀ ସାହୁଙ୍କ ସମେତ ସିଆର୍‌ପି, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ରଥ ବ୍ଲକ୍ ଅନ୍ତର୍ଗତ ୧୨ ପଞ୍ଚାୟତକୁ ଯାଇ ହିତାଧିକାରୀ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର କିଭଳି ସୁଫଳ ନେଇପାରିବେ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବ।

# ଅବକାରୀ ଚଢ଼ାଉ: ୩ କୋର୍ଟ ଚାଲାଣ

ଖଡ଼ିଆଳ,୧୩।୯ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଖଡ଼ିଆଳ ଅବକାରୀ ବିଭାଗ ଶୁକ୍ରବାର ଚଢ଼ାଉ କରି ୩ଜଣଙ୍କୁ କୋର୍ଟ ଚାଲାଣ କରିଛି। ବିଭାଗୀୟ ସୂଚନା ଅନୁଯାୟୀ, ଖଡ଼ିଆଳ ବୋଡ଼େନ ଛକଠାରେ ଗଡ୍ରାମୁଣ୍ଡା ଗ୍ରାମର ଜୀବନ ଲାଲ ସାହୁଙ୍କଠାରୁ କର୍ମଚାରୀମାନେ ୧୮ଲିଟର ରନ୍ଧାମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ସେହିପରି ଡୁଆଝର ଗ୍ରାମର ରାମ ମେହେରଙ୍କଠାରୁ ୯ ଲିଟର ବିଅର, ଡୁଆଝର ଗ୍ରାମର ଅଖିଳ ସରାଫଙ୍କଠାରୁ ୭ ଲିଟର ବିଅର ଜବତ କରି ଉଭୟଙ୍କୁ ଗିରଫ କରିଥିଲେ। ବେଆଇନ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଖଡ଼ିଆଳ ଦାୟିତ୍ୱରେ ଥିବା ଏସ୍‌ଆଇ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ବିଭାଗର ହିଙ୍ଗୁଳା ଦାସ, ଶିବ ପ୍ରଶାଦ ଦୁରିଆ, କନଷ୍ଟେବଳ ବୈଜୟନ୍ତି ଶବର, ମଧୁସୂଦନ ସିଂ, ମୁରଲୀଧର ଶବର ପ୍ରମୁଖ ସହଯୋଗ କରିଥିଲେ।

# ଲାଞ୍ଜିଗଡ଼ରେ ହର୍ଷୋଲ୍ଲାସରେ ନୂଆଁଖାଇ ପାଳିତ

ଲାଞ୍ଜିଗଡ଼, ୧୩।୯(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ଲୋକେ ନିଜ ଇଷ୍ଟ ଦେବଦେବୀଙ୍କୁ ନୂଆ ଫସଲ ପ୍ରଥମେ ଅର୍ପଣ କରି ପ୍ରସାଦ ଗ୍ରହଣ କରିଛନ୍ତି। ପରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି ଜୁହାରଭେଟ କାର୍ଯ୍ୟକ୍ରମ। କଳାହାଣ୍ଡି ଜିଲାରେ ନୂଆଁଖାଇ ସପ୍ତପୁରୀ ଅମାବାସ୍ୟାଠାରୁ ଆରମ୍ଭ ହୋଇ ଦଶହରା ଦଶମୀରେ ଶେଷ ହୁଏ। ଏହାରି ଭିତରେ ଭାଦ୍ରବ ଶୁକ୍ଳପକ୍ଷ ଋଷି ପଞ୍ଚମୀ ଦିନ ଜିଲାର ବଡ ଭାଗ ଲୋକେ ନୂଆଁଖାଇ ପାଳନ କରିଥାନ୍ତି। ସେହିପରି ଭାଦ୍ରବ ଶୁକ୍ଳପକ୍ଷ ଦଶମୀ ତିଥିରେ ମଧ୍ୟ କିଛି ଅଞ୍ଚଳରେ ନୂଆଁ ଖାଇଥାନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନୂଆଁ ଖାଇଛନ୍ତି ଲାଞ୍ଜିଗଡ ଅଞ୍ଚଳବାସୀ। ପ୍ରଥମେ ଲାଞ୍ଜିଗଡ ଗ୍ରାମଦେବୀ ଭୈରବ ମନ୍ଦିରରେ ନବାନ୍ନ ପୂଜା ସମାପନ କରାଯାଇଥିଲା। ପରେ ଅଞ୍ଚଳର ସର୍ବସାଧାରଣ ନବାନ୍ନ ଭକ୍ଷଣ କରିଥିଲେ। ନୂଆଁଖିଆ ପର୍ବ ଶେଷ ହେବା ପରେ ଗାଁ ଗାଁରେ ଜୁହାର ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ସମସ୍ତେ ଏକାଠି ନୂଆଁ ଖାଉଛନ୍ତି।

# ସୁଭଦ୍ରା ଯୋଜନା: ଆବେଦନର ତଦାରଖ କରିବେ ବରିଷ୍ଠ ଅଧିକାରୀ

ଭବାନୀପାଟଣା,୧୩।୯ (ଉତ୍ତମ କୁମାର ଦାଶ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ କଳାହାଣ୍ଡି ଜିଲାବ୍ୟାପୀ ଆବେଦନ ପ୍ରକ୍ରିୟା ଚାଲୁରହିଛି। ଜିଲାର ୨୧ବର୍ଷରୁ ଊର୍ଦ୍ଧ୍ୱ ୬୦ବର୍ଷରୁ କମ ବୟସ୍କ ମହିଳା ଯାହାଙ୍କ ବାର୍ଷିକ ପାରିବାରିକ ଆୟ ୨ଲକ୍ଷ ୫୦ହଜାରରୁ କମ ହୋଇଥିବ ସେମାନଙ୍କୁ ଆବେଦନ କରିବା ପାଇଁ ଉତ୍ସାହିତ କରାଯାଉଛି। ଏହି ଅବସରରେ ଜିଲାପାଳ ସଚିନ ପାୱାର ପ୍ରକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ତରଫରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି। ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟା ତଦାରଖ କରିବା ନିମନ୍ତେ ଜିଲାପାଳ ଜିଲାର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ବ୍ଲକର ନୋଡାଲ ଅଫିସର ଭାବେ ଦାୟିତ୍ୱ ବଣ୍ଟନ କରିଛନ୍ତି। ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ ଦରୱାନଙ୍କୁ କେସିଙ୍ଗା ବ୍ଲକ ତଦାରଖ ଦାୟିତ୍ୱ ଦିଆଯାଇଛି। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ରଙ୍କୁ ଭବାନୀପାଟଣା, ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମାଙ୍କୁ ଧର୍ମଗଡ଼ ଓ ଗୋଲାମୁଣ୍ଡା, ଭବାନୀପାଟଣା ଉପଜିଲାପାଳ ଜୟଦେବ ଦାସଙ୍କୁ କର୍ଲାମୁଣ୍ଡା ସମେତ ଜୁନାଗଡ଼ ଓ କଲମପୁର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲାପରିଷଦଙ୍କୁ ଥୁଆମୂଳ ରାମପୁର, ଡିପିସି ମିଶନ ଶକ୍ତିଙ୍କୁ ଲାଞ୍ଜିଗଡ଼, ଡିପିଏମ୍ ଓଏଲ୍‌ଏମ୍‌ଙ୍କୁ ଜୟପାଟଣା, ଡିଏସ୍‌ଡବ୍ଲ୍ୟୁଓ ଡିପିସିଙ୍କୁ କୋକସରା ବ୍ଲକ ନୋଡାଲ ଅଫିସର ଭାବେ ତଦାରଖ ଦାୟିତ୍ୱ ଦିଆଯାଇଛି। ଜିଲାର ସମସ୍ତ ୨୩୬୩ ଅଙ୍ଗନୱାଡି କେନ୍ଦ୍ରରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ଫର୍ମ ମିଳୁଥିବା ବେଳେ ମୋଟ ୧୫୬୨ ଜନସେବା କେନ୍ଦ୍ର,୧୩୯ ମୋ ସେବା କେନ୍ଦ୍ରରେ ମହିଳାମାନେ ଆବେଦନ କରୁଛନ୍ତି। ପ୍ରକାଶ ଯେ, ଏହି ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ୫ବର୍ଷରେ ୫୦ହଜାର ଟଙ୍କା ଦିଆଯିବ। ପ୍ରତ୍ୟେକ ବର୍ଷ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଲେଖାଏ ଦିଆଯିବ। ଯୋଜନା ସମ୍ପର୍କରେ ଜନସଚେତନତା ପାଇଁ ୭ଗୋଟି ସଚେତନତା ରଥ ୧୩ଟି ବ୍ଲକରେ ଗତ ୭ତାରିଖରୁ ବୁଲୁଛି। ଏହା ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲିଫ୍‌ଲେଟ, ବ୍ୟାନର, ୱାଲ ପେଣ୍ଟିଂ, ମାଧ୍ୟମରେ ମଧ୍ୟ ସୂଚନା ଦିଆଯାଉଛି। ଆବେଦନକାରୀଙ୍କ ଫର୍ମ ଗ୍ରହଣ କରୁଥିବା କେନ୍ଦ୍ରଗୁଡିକ ଜିଲାପାଳ ପରିଦର୍ଶନ କରି ସୁଚାରୁରୂପେ ପରିଚାଳନା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାର ୧,୯୧,୫୨୨ରୁ ଅଧିକ ଆବେଦନ କରିଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଛି।



ଜୟପାଟଣା ବ୍ଲକର ଏକ ଜନସେବା କେନ୍ଦ୍ରରେ ଜିଲାପାଳ ତଦାରଖ କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ସୋହେଲା, ୧୩।୯ (ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲାରେ ଦୁର୍ଗାପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପଦ୍ମପୁର ଏସଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନା ଆଇଆଇସି ଶଶୀଭୂଷଣ ମିଶ୍ର, ତହସିଲଦାର ଶୁଭରଞ୍ଜନ ନାୟକ, ବିଡିଓ ସୁରେନ୍ଦ୍ର ମେହେର, ଅବକାରୀ ନିରୀକ୍ଷକ ସନ୍ଧ୍ୟାରାଣୀ କୁମ୍ଭାର, ବିଦ୍ୟୁତ୍ ବିଭାଗ ଏସଡିଓ, ସୋହେଲା ଅଗ୍ନିଶମ ଅଧିକାରୀ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ସ୍ୱସ୍ତିକ ସାହୁ, ପିଡବ୍ଲୁଡି ବିଭାଗର ପ୍ରତିନିଧି ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଆଇନ ଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ, ଆଲୋକ ବ୍ୟବସ୍ଥା, ଅଗ୍ନି ସୁରକ୍ଷା, ଅତିଥିଙ୍କ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଚଳିତ ବର୍ଷର ପୂଜାକୁ ସଫଳ କରିବାକୁ ଠିକ ସମନ୍ୱୟ ରଖିବାକୁ ତହସିଲଦାର ମତ ରଖିଥିଲେ। ପୂଜା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକାରୀ ସଦସ୍ୟଙ୍କ ସହ ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ଦିଲୀପ ଖମାରୀ, ଚନ୍ଦ୍ରମଣି ଭଞ୍ଜ, ସଞ୍ଜୀବ ଝାଙ୍କର, ପ୍ରମୋଦ ସାହୁ, ରମାକାନ୍ତ ସାହୁ , ଅନିଲ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରମୋଦ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

### ନରସିଂପଡ଼ା ଗଣେଶ ପୂଜା ଉଦ୍‌ଯାପିତ

**ପାଇକମାଲ, ୧୩।୯ (ବଡ ଶତପଥି):** ବରଗଡ ଜିଲା ପାଇକମାଲ ନରସିଂ ପଡ଼ାରେ ୭ ଦିନ ଧରି ଚାଲିଥିବା ଗଣେଶ ପୂଜା ଶୁକ୍ରବାର ଉଦଯାପିତ ହୋଇଯାଇଛି। ପୂଜା ଆରମ୍ଭରୁ ପଡ଼ାରେ ଗୋଟିଏ ସଭା କରି କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଆଶିଷ ମାହାର, ସଭ୍ୟ ଭାବେ ଅନିଲ ସାହୁ, ପ୍ରଦୀପ ପଧାନ, ଲିଙ୍ଗ ବାଗ, ନନ୍ଦଲାଲ ଗୋଛିଙ୍କୁ ମନୋନୀତ କରାଯାଇ ପୂଜା ଦାୟିତ୍ୱ ଦିଆଯାଇଥିଲା। କଳସ ଯାତ୍ରା ଦିନ ପଡ଼ାର ସମସ୍ତ ମା’ ଭଉଣୀମାନେ ପବିତ୍ର ଜଳ ଆଣି ପୂଜା ପୀଠରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ନରେଶ ଥପା ଓ ତାଙ୍କ ସହ ଧର୍ମିଣୀ ଚନ୍ଦ୍ରିକା ଥପା ଦାୟିତ୍ୱ ତୁଲାଇ ଥିବା ବେଳେ ଉମେଶ ଦେବତା ପୂଜା କାର୍ଯ୍ୟ କରିଥିଲେ। ଗଣେଶ ପୂଜା ପୀଠରେ ପ୍ରତ୍ୟେକ ଦିନ ସଂକୀର୍ତ୍ତନ, ଭାଗବତ ଗାୟନ, ଭଜନ ଆଦି କରାଯାଇଥିଲା। ଶୁକ୍ରବାର ବିସର୍ଜନ ପୂର୍ବରୁ ସଂକୀର୍ତ୍ତନ କରାଯାଇ ନଗର ଭ୍ରମଣ କରାଯାଇଥିଲା।

### ଖେଳ ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

**ସରଣ୍ଡା/ ସୋହେଲା, ୧୩।୯ (ଯୁଧିଷ୍ଠିର ମହାପାତ୍ର / ଅଶ୍ୱିନୀ ପାତ୍ର):** ବରଗଡ଼ ଜିଲା ଅତାବିରା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ



ପୁଷ୍ପଲତା ନାଏକ (୫୭)ଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ଜାନୁଆରୀରେ ହୃଦଘାତରେ ଆକ୍ରାନ୍ତ ହୋଇ ଅପରେଶନ ହୋଇଥିଲେ। ଗତ ୯ ତାରିଖରେ ହଠାତ୍ ଘରେ ପଡିଯିବାରୁ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ବରଗଡର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପାର୍ଥିବ ଶରୀର ଅତାବିରାରେ ପହଞ୍ଚିବା ପରେ ପ୍ରଥମେ ଅତାବିରା ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଅତାବିରା ସରକାରୀ ବାଳିକା ବିଦ୍ୟାଳୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅତାବିରା ସରକାରୀ ବାଳିକା ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଏବଂ ଅତାବିରା ବାଳକ ହାଇସ୍କୁଲର ଖେଳ ଶିକ୍ଷକ ସୁଦୀପ୍ତ ସାହୁ, ଅବସରପ୍ରାପ୍ତ ଖେଳ ଶିକ୍ଷକ ଲବ ସାହୁ ସରକଣ୍ଡାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପୁଷ୍ପଲତାଙ୍କ ଶେଷକୃତ୍ୟ ପାଇଁ ସ୍କୁଲ ପକ୍ଷରୁ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଅତାବିରାରେ ସ୍ଥାନୀୟ ଜନ କଲ୍ୟାଣ କୁଳିତା ସମାଜର ସଭାପତି ଦିବାକର ପ୍ରଧାନ, ଶିକ୍ଷକ ଅମୃତ ବାରିକ, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ପ୍ରମୁଖ ଶେଷ ଦର୍ଶନ କରିଥିଲେ। ସରକଣ୍ଡା ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ବଡ଼ ପୁଅ ସାସ୍ୱତ ବାରିକ ମୁଖାଗ୍ନି ଦେଇଥିଲେ।



ଶୁକ୍ରବାର ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ସ୍ୱତନ୍ତ୍ର ପରିଚୟ ଆଣିଛି ବରଗଡ଼ କଳା, ସଂସ୍କୃତି

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

କଳା ସଂସ୍କୃତିର ମାଟି ବରଗଡ଼। ଏଠାକାର କଳା ଓ ସଂସ୍କୃତି ସାରା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କଳା ଓ କଳାକାରଙ୍କ ମାଟି ବରଗଡ଼ରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ ସମାରୋହରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।



ନୂଆଁଖାଇ ଭେଟ୍‌ଘାଟ୍ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

କଳା ଏବଂ କଳାକାର ଈଶ୍ୱରଙ୍କ ଦାନ ବୋଲି ସେ ଅଭିହିତ କରିଥିଲେ । ରାଜ୍ୟ କଳାକାର ମହାସଂଘର ସମ୍ପାଦକ ଅଭିନେତା ସମରେନ୍ଦ୍ର ପଣ୍ଡା, ଦଇତାରୀ ପଣ୍ଡା, ସୁବାସ ବେହେରା, ଅଭିନେତ୍ରୀ ଚାନ୍ଦିନୀ ଦାଶ, ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ମାନସ କୁମାର ଜେନା, ହାସ୍ୟ ଅଭିନେତା ମୁନ୍ନା ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳା ସଂସ୍କୃତିର ବରଗଡ଼ ମାଟିକୁ ପ୍ରଣାମ ଜଣାଇ ନୂଆଁଖାଇ ସଂସ୍କୃତିକୁ ସ୍ୱାର୍ଥତ୍ୟାଗର ନିଆରା ପର୍ବ ବୋଲି ଉଲ୍ଲେଖ କରି ଯାତ୍ରା ସଂଳାପ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ତରଫରୁ ସମାଜସେବୀ ମେଘନାଦ ପ୍ରଧାନଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ କଣ୍ଠଶିଳ୍ପୀ ବାଲେଶ୍ୱର କୁଅଁର, ପ୍ରମୋଦ ଦାଶ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, କ୍ରୀଡାବିତ୍ ସନ୍ତୋଷ ପ୍ରଧାନ, ରିଦମିଷ୍ଟ ଅନୁ ପାଇକ, ନବୀନ ପାଣ୍ଡେ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଭାରତୀ କଳା ପରିଷଦର କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ଚିତ୍ରଶିଳ୍ପୀ ରାଧେଶ୍ୟାମ ଭେଶ୍ରା, ନରେନ୍ଦ୍ର କଣ୍ଟା, ନିର୍ଦ୍ଦେଶକ ବାସୁଦେବ ପ୍ରଧାନ, ନାଟ୍ୟ କଳାକାର ଭୁବନ ଭୋଇ, ଅଭିନେତା ଜଗଦାନନ୍ଦ ମିଶ୍ର, କବି ଦେବେନ୍ଦ୍ର ପ୍ରଧାନ, ଧନୁଯାତ୍ରା କଳାକାର ମହାସଂଘ ସଭାପତି ଦୟାନିଧି ପ୍ରଧାନ, ସଙ୍କୀର୍ତ୍ତନ ପରିଷଦ ସଂଯୋଜକ ଗୋରାଚାନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଉପ ମଣ୍ଡଳ ସ୍ତରୀୟ ଡାକମେଳା ସଚେତନତା ଶିବିର

**ଗାଇସିଲେଟ, ୧୩।୯ (ଦୁର୍ଗାପ୍ରସାଦ ତ୍ରିବେଦୀ):** ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଟାବାହାଲ ନେତାଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉପ ମଣ୍ଡଳସ୍ତରୀୟ ଭାରତୀୟ ଡାକମେଳା ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟାବାହାଲ ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ଲୋକେ ଯୋଗ ଦେଇଥିଲେ। କଟାବାହାଲ ସରପଞ୍ଚ ଅର୍ପିତା ପଣ୍ଡା ମୁଖ୍ୟ ଅତିଥି, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ବାରିକ, ପଦ୍ମପୁର ଉପ ମଣ୍ଡଳ ଡାକ ନିରୀକ୍ଷକ କିଶୋର ନାଏକ, ଶାଖା ପ୍ରବନ୍ଧକ ଆଇ.ପି.ପି.ବି ବରଗଡ଼ ବ୍ରାଞ୍ଚ ଧୀରେନ୍ଦ୍ର ପଟେଲ, ସମ୍ବଲପୁର ଡିଭିଜନ ପୋଷ୍ଟାଲ ଜୀବନ ବୀମା ଅଧିକାରୀ ଆଶିଷ କୁମ୍ଭାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଡାକସେବା ଅଧିକାରୀମାନେ ଲୋକମାନଙ୍କୁ ଡାକଘରର ବିଭିନ୍ନ ଯୋଜନା ଉପରେ ବୁଝାଇଥିଲେ। ମୁଖ୍ୟ ଅତିଥି ପଣ୍ଡା ଗ୍ରାମପଞ୍ଚାୟତବାସୀଙ୍କୁ ଡାକ ବିଭାଗର ସମସ୍ତ ସେବାର ଫାଇଦା ଉଠାଇବାକୁ ପରାମର୍ଶ ଦେଇଥିଲେ। ଡାକପାଳ ଶର୍ମିଷ୍ଠା କୁମାରୀ ଦେବୀ, କପିଳ ବିଭାର, ବିଷ୍ଣୁ ବିକାଶ ଛିନ୍ଦ୍ରା, ଲିଶା ଗୁପ୍ତାଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଡାକ ବିଭାଗର ସମସ୍ତ ଡାକପାଳ ଓ ମେଲ୍ ଓଭରସିଅର ଉପସ୍ଥିତ ଥିଲେ। ଡାକପାଳ ମୁରାରି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ ମିଟ୍‌ରେ ସଫଳତା

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବରାହଗୁଡ଼ାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୯ରୁ ୧୧ତାରିଖ ପର୍ଯ୍ୟନ୍ତ କିଟ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ସିବିଏସ୍‌ଇ କ୍ଲଷ୍ଟର୍-୨ ଆଥ୍‌ଲେଟିକ୍ ମିଟ୍‌ରେ ବିପୁଳ ସଫଳତା ଅର୍ଜନ କରି ସମୁଦାୟ ୩ଟି ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ କାଂସ୍ୟ ପଦକ ସହ ୧୦ଟି ପଦକ ଲାଭ କରିଛନ୍ତି। କରନ୍ ତରିଆ ଅଣ୍ଡର-୧୪ ବାଳକ ବର୍ଗର ୮୦୦ମିଟର ଦୌଡ଼ରେ ସ୍ୱର୍ଣ୍ଣ, ସ୍ନିଗ୍ଧା ସୌଜନ୍ୟା ମିଶ୍ର ଅଣ୍ଡର-୧୪ ବାଳିକା ୮୦୦ ମିଟର ଦୌଡ଼ରେ ରୌପ୍ୟ, ରାଜ ସଲିବ ବାର୍ଲା ଅଣ୍ଡର-୧୭ ବାଳକ ବର୍ଗ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ପିୟୁଷ ସେଠ ଅଣ୍ଡର-୧୭ ବାଳକ ବର୍ଗ ଟ୍ରିପଲ ଜମ୍ପରେ କାଂସ୍ୟ, ଆଶୁତୋଷ କୁମାର ସିଂହ ଅଣ୍ଡର-୧୯ ବାଳକ ବର୍ଗ ଜେଭ୍‌ଲିନ୍ ଥ୍ରୋରେ କାଂସ୍ୟ, ରଜନୀ ଭୋଇ ଅଣ୍ଡର-୧୭ ବାଳିକା ବର୍ଗ ୨୦୦ମିଟର ଦୌଡ଼ରେ ରୌପ୍ୟ, ଅଣ୍ଡର୍-୧୭ ବାଳକ ବର୍ଗ ରିଲେ





ଅତିଥି, ଆୟୋଜକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ରେସ୍‌ରେ ରୌପ୍ୟ, ଅଣ୍ଡର୍-୧୯ ବାଳକ ବର୍ଗ ରିଲେ ରେସ୍‌ରେ କାଂସ୍ୟ, ଅଣ୍ଡର-୧୭ ବାଳିକା ବର୍ଗ ରିଲେ ରେସରେ କାଂସ୍ୟ, ଅଣ୍ଡର-୧୭ ବାଳିକା ବର୍ଗ ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟର କ୍ରୀଡ଼ା ବିଭାଗର ମୁଖ୍ୟ ତଥା ସିବିଏସ୍‌ଇ ପର୍ଯ୍ୟବେକ୍ଷକ ପିତାମ୍ବର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଥିବା କ୍ରୀଡ଼ାବିତ୍‌ମାନେ ଜାତୀୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ବାରଣାସୀର ଅତୁଳାନନ୍ଦ କନ୍‌ଭେଣ୍ଟରେ ଅକ୍ଟୋବର ୬ରୁ ୧୦ ତାରିଖ ଯାଏ ହେବାକୁ ଥିବା ନ୍ୟାଶନାଲ ଆଥ୍‌ଲେଟିକ୍ ମିଟ୍‌ରେ ଭାଗ ନେବେ। ଏହି ସଫଳତା ପାଇଁ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ୍ ଡି. ମୁରଲୀ କ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଶାଖାର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### କେନାଲରେ ବୁଡ଼ି ଶିଶୁ କନ୍ୟା ମୃତ

**ବଘିଆପଡା, ୧୩।୯ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବିରିଗଡ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି । କେନାଲରେ ବୁଡି ଏକ ୧୫ ମାସର ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଗୁରୁବାର ସନ୍ଧ୍ୟାରେ ବିରିଗଡ ଗ୍ରାମର ତରଣୀ ବେହେରାଙ୍କ ଝିଅ ହଠାତ୍ ନିଖୋଜ ହୋଇଯାଇଥିଲା । ଘରଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ଘର ପାଖଦେଇ ଯାଇଥିବା କେନାଲରେ ପଡିଯାଇଥିବା ସନ୍ଦେହ କରି ରାତିରେ ଅଗ୍ନିଶମ ବାହିନୀ ବହୁତ ଖୋଜାଖୋଜି କରିଥିଲେ । କିନ୍ତୁ ପତ୍ତା ମିଳି ନଥିଲା । ଶୁକ୍ରବାର ଦିନ ଗ୍ରାମବାସୀ ଓ ସମ୍ପର୍କୀୟମାନେ କେନାଲର ତଳମୁଣ୍ଡରେ ଖୋଜାଖୋଜି କରିଥିଲେ । ପରେ ଘର ଠାରୁ କିଛି ଦୂରରେ ମଗରଦୁଲି ଗ୍ରାମ ନିକଟରେ କେନାଲ ମଧ୍ୟରୁ ଶିଶୁ କନ୍ୟାଙ୍କ ମୃତଦେହ ଉଦ୍ଧାର କରିଥିଲେ । ଶିଶୁଟି ଘର ବାହାରକୁ ଆସି କେନାଲ ମଧ୍ୟକୁ ଖସି ପଡିଥିବା ସନ୍ଦେହ କରାଯାଉଛି। ଖବର ପାଇ ବଘିଆପଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଖବର ପାଇ ବୌଦ୍ଧ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।

# ୬.୩୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ଗଞ୍ଜେଇ ବୋଝେଇ ଏକ ବୋଲେରୋ (ନଂ.ଓଡ଼ି୧୫ଏକ୍ସ/୮୩୮୦)କୁ ଜବତ କରିଛି। ସେଥିରେ ବୋଝଇ ହୋଇଥିବା ୬ କୁଇଣ୍ଟାଲ ୩୬କି.ଗ୍ରା ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ବୋହିରା ଗ୍ରାମର ବୁଦ୍ଧଦେବ ମହାକୁର(୨୮), କନ୍ଧଡୁମାଳ ଗ୍ରାମର ଉଦୟ ପ୍ରଧାନ(୨୫), ଢେଙ୍କାନାଳ ଜିଲା ରୋସୋଲ ଥାନା ଠେଙ୍ଗା ଗ୍ରାମର ଟୁଟୁ ଦେହୁରୀ(୪୮) ଏବଂ ଅନୁଗୋଳ ଜିଲା ଅନୁଗୋଳ ଥାନା ସୁସୁଡ଼ା ଗ୍ରାମର ଶାଶ୍ୱତ ସୁନ୍ଦର ଦାଶ(୩୭)। ସେମାନଙ୍କ ପାଖରୁ ୫ ମୋବାଇଲ ଏବଂ ନଗଦ ୪ ହଜାର ଟଙ୍କା ମଧ୍ୟ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୨୦୧/୨୪) ରୁଜୁହୋଇଛି। ସେମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଗ୍ରାମାଞ୍ଚଳ ଥାନାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ସୂଚନା ଦେଇ କହିଥିଲେ, ଜବତ ବୋଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଫଳରେ ଏସ୍‌ପି ପି.ଏସ ମୀନାଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମାଞ୍ଚଳ ଥାନା ଆଇଆଇସି ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସେଥିପ୍ରତି ନଜର ରଖିଥିଲେ। ସମ୍ପୃକ୍ତ ଗଞ୍ଜେଇ ବୋଝେଇ ଗାଡ଼ିଟି ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା-ଆମ୍ବସଡ଼ା ବାଇପାସ୍ ରାସ୍ତାରେ ଯାଉଥିବାବେଳେ ଉକ୍ତ ପୋଲିସ ଟିମ୍ ସେହି ଗାଡ଼ିକୁ ଧରିଥିଲେ। ବୌଦ୍ଧ ଜିଲାରୁ ଛତିଶଗଡ଼ ରାଜ୍ୟ ରାୟପୁରକୁ ଜବତ ଗଞ୍ଜେଇ ବୋଝେଇ ବୋଲେରୋ ଯାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଏ ନେଇ ଅଧିକ ତଦନ୍ତ ଚାଲୁଛି ଏବଂ ଗଞ୍ଜେଇ ଚାଲାଣ ପ୍ରତି ପୋଲିସ ସବୁବେଳେ ସତର୍କ ଦୃଷ୍ଟି ରଖିଆସିଛି ବୋଲି ସେ କହିଥିଲେ।





ଜବତ ଗଞ୍ଜେଇ ଏବଂ ଗିରଫ ଅଭିଯୁକ୍ତ।

### ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ, ଗଣିତ ମେଳା

**ପଦ୍ମପୁର, ୧୩।୯ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଏବଂ ଗଣିତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସୂଦନ ଦେବତା, ସମ୍ମାନିତ ଅତିଥିଭାବେ ଚନ୍ଦ୍ରଭାନୁ ପଧାନ, ବିଚାରକ ତଥା ସମ୍ମାନିତ ଅତିଥିଭାବେ ଜମରତଲା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀ ଏବଂ ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ଶତପଥୀ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ ଅତିଥି ପରିଚୟ ପ୍ରଦାନ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତତ୍‌ପରେ ବିଦ୍ୟାଳୟର ଛାତ୍ରମାନେ ଏକ ବିଜ୍ଞାନ ଆଧାରିତ ଗୀତ ଗାନ କରିଥିଲେ। ଏହି ମେଳାରେ ଅଭିନବ ଏବଂ ସୃଜନାତ୍ମକ ୫୬ଟି ପ୍ରୋଜେକ୍ଟ ପ୍ରଦର୍ଶନ କରାଯାଇଥିଲା। ଜୁନିୟର ଏବଂ ସିନିୟର ବିଭାଗରୁ ୩ଟି ଲେଖାଏ ପ୍ରୋଜେକ୍ଟ ବିଚାରକଙ୍କ ଦ୍ୱାରା ମନୋନୀତ କରାଯାଇ ପୁରସ୍କୃତ କରାଯାଇଥିଲା। ଏଥିସହ ଭାଗ ନେଇଥିବା ଛାତ୍ରମାନଙ୍କୁ ମଧ୍ୟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ତୃପ୍ତିମୟୀ ଝଗରା ଧନ୍ୟବାଦ ଅର୍ପଣ କରିଥିଲେ।





କୃତୀମାନଙ୍କୁ ପୁରସ୍କୃତ କରାଯାଉଛି।

### ବିଶ୍ୱ ଭ୍ରାତୃତ୍ୱ ଦିବସ ଉପରେ ଆଲୋଚନା ଚକ୍ର

**ପଦ୍ମପୁର, ୧୩।୯ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ବିଶ୍ୱ ଭ୍ରାତୃତ୍ୱ ଦିବସ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡା ସଭାର ଉଦ୍ଦେଶ୍ୟ ଜ୍ଞାପନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହା ପରେ ମୁଖ୍ୟ ଅତିଥି ଉମେଶ ଚନ୍ଦ୍ର ପଣ୍ଡା ନିଜ ଅଭିଭାଷଣରେ ଭଗବଦ୍‌ଗୀତାର ଶ୍ଳୋକ, ବେଦାନ୍ତ, କର୍ମଯୋଗ, ଧର୍ମର ଉଦାହରଣ ଦେଇ କିପରି ଗୋଟିଏ ଶିଶୁ ନିଜ ପାଖରେ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ଚିହ୍ନିପାରିବ ସେହି ଦିଗରେ ମାର୍ଗଦର୍ଶନ କରିଥିଲେ। ସେ ନିଜ ଭାଷଣରେ ସ୍ୱାମୀ ବିବେକାନନ୍ଦ ଏବଂ ଶଙ୍କରାଚାର୍ଯ୍ୟଙ୍କ ନୀତିବାଣୀ ଉପରେ ମଧ୍ୟ ବର୍ଣ୍ଣନା କରିଥିଲେ। ଏହା ପରେ କଲେଜର ଇଂରାଜୀ ପ୍ରାଧ୍ୟାପକ ଖଗେଶ୍ୱର ଦାସ ନିଜ ଅଭିଭାଷଣରେ ବିବେକାନନ୍ଦଙ୍କ କେତେକ ସ୍ମରଣୀୟ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସଭାର ସଂଯୋଜନା କରିଥିଲେ ଓଡ଼ିଆ ବିଭାଗର ମୁଖ୍ୟ ଡ. ସରୋଜ କୁମାର ନାଏକ। ସଭାରେ ଡ. ତୁଷାରକାନ୍ତ ସାହୁ, ଡ. ପ୍ରଦୀପ କୁମାର ପଣ୍ଡା, ସଞ୍ଜୟ ତିଗା, ଭୁବନେଶ୍ୱର ବରିହା, ଡ. ମମତାମୟୀ ଗୁରୁ, ସୁରେଶ୍ୱରୀ ପାଣ୍ଡେ, ସସ୍ମିତା ମେହେରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଇକ୍ୟୁଏସିର ସଂଯୋଜକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇକମାଳ ହାଇସ୍କୁଲରେ ହିନ୍ଦୀ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପାଇକମାଳ, ୧୩।୯ (ବଡ଼ ଶତପଥୀ)**

ବରଗଡ଼ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ହିନ୍ଦୀ ଦିବସ ପ୍ରଧାନ ଶିକ୍ଷକ ଦାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ପୂର୍ଣ୍ଣରାମ ସା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଭାଷାର ମହତ୍ୱ ବିଷୟରେ ଆଲୋଚନା କରି ଏହି ଭାଷାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରା ଯାଇଥିଲା। ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ବବିତା ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଆୟୋଜିତ ସ୍ଲୋଗାନ୍, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁଦାମ ପାଣ୍ଡେ, ନିରୁପମା ସାହୁ, ଆନନ୍ଦିନୀ ସେଠ, ଲଳିତ କୁମାର ବିଶାଳ, ମଧୁସ୍ମିତା ମେହେର ସହଯୋଗ କରିଥିଲେ। ହିନ୍ଦୀ ଶିକ୍ଷକ ତ୍ରିଲୋଚନ ନାୟକ ପରିଚାଳନା ଓ ରଜତ କୁମାର୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନାରୀ ପାଇଁ ଆଜି ବି ଉପଯୁକ୍ତ ସମାଜ ନାହିଁ

**ବରଗଡ଼, ୧୩।୯ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମହିଳା ସମିତି ପକ୍ଷରୁ ସମିତିର ପ୍ରତିଷ୍ଠାତା ଜନସାଥୀ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହିଳା ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରାଦ୍ଧବାର୍ଷିକୀ ସମାରୋହ ଅବସରରେ ନିର୍ଭୟା ପ୍ରସଙ୍ଗରେ ଆଲୋଚନାଚକ୍ର ହୋଇଥିଲା। ଆଲୋଚନାଚକ୍ରରେ ବରିଷ୍ଠ ଆଡ଼ଭୋକେଟ୍ ଶିରିଶ ବଲ୍ଲଭ ମିଶ୍ର ମୁଖ୍ୟଅତିଥି, ଡା. ସୁବଳ କର ସମ୍ମାନିତ ଅତିଥି ଏବଂ ଗଣ ଇସ୍ତାହାରର ସମ୍ପାଦକ ଡଃ ପ୍ରଦୀପ କୁମାର ହୋତା ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ଆଲୋଚନାଚକ୍ରରେ ବକ୍ତାମାନେ କହିଥିଲେ, ନାରୀ ପାଇଁ



ଆଲୋଚନାଚକ୍ରରେ ଅତିଥି ଏବଂ ଆୟୋଜକ।

**ଜନସାଥୀ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଆଲୋଚନାଚକ୍ରରେ ମତପ୍ରକାଶ**

ଉପଯୁକ୍ତ ସମାଜଟିଏ ଆମେ ଏପର୍ଯ୍ୟନ୍ତ ଗଢ଼ିପାରିନାହୁଁ। ନିର୍ଭୟା ଆଜି ପ୍ରତୀକ ହୋଇଯାଇଛି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ନିର୍ଭୟାମାନେ ବଳାତ୍କାରର ଶିକାର ହେଉଛନ୍ତି। ମହିଳା ସମିତି ଉପସଭାପତି ମନ୍ଦାକିନୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମାଜସେବୀ ଗୀତା ମିଶ୍ର ପ୍ରଥମେ ଜନସାଥୀ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟା ମମତା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଗଣ ଇସ୍ତାହାରର ମୁଖ୍ୟ ସମ୍ପାଦକ ତଥା ମହିଳା ସମିତିର ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସମ୍ପାଦିକା ଇନ୍ଦ୍ରାଣୀ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ରାଧାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ମହିଳା ସମିତିର ସମସ୍ତ ସଦସ୍ୟା ଅଂଶଗ୍ରହଣ କରି ଜନସାଥୀ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବାହ୍ନରେ ଲେଙ୍ଗୁ ମିଶ୍ର ଛକରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଏବଂ ମହିଳା ସାମିଲ ହୋଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ କ୍ରୀଡ଼ା ସଙ୍ଗଠକ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଖେଳାଳିମାନେ ସାମିଲ ହୋଇ ଲେଙ୍ଗୁ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଦୋକାନ ଭଡ଼ା ଦେବା ଆଳରେ ଠକେଇ, ଜଣେ ଗିରଫ

ରାଉରକେଲା,୧୩।୯(ସଙ୍ଗୀତା ଜେନା):

କୋଏଲନଗରସ୍ଥିତ ଏନ୍ଏସି ମାର୍କେଟରେ ଥିବା ଦୋକାନକୁ ଭଡା ଦେବା ଆଳରେ ୨ ଜଣ ବ୍ୟକ୍ତିଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ ହୋଇଛି। ଏ ନେଇ ସେକ୍ଟର-୭ ଥାନା ପୋଲିସ ଏକ ମାମଲା (ନଂ.୧୫୨/୨୪) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଏଲନଗର ଏ' ବ୍ଲକ ବାସିନ୍ଦା ସୁଜିତ ମହାନ୍ତି (୪୬)। ସୂଚନା ଅନୁଯାୟୀ, ସୁଜିତ ସେକ୍ଟର-୫ ଅଞ୍ଚଳର ସମୀର ମହାନ୍ତିଙ୍କଠାରୁ କୋଏଲନଗରରେ ଦୋକାନ ଭଡା ଦେବା ପାଇଁ ଗତ ଅଗଷ୍ଟ ୪ରୁ ୬ ତାରିଖ ମଧ୍ୟରେ ୪ଟି କିସ୍ତିରେ ୧ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ହେଲେ ସମୀର ଦୋକାନ ପାଇଁ କହିବାରୁ ତାଙ୍କୁ ସୁଜିତ ଦିନ ଗଡାଉଥିଲେ। ଏ ନେଇ ସମୀର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେହିପରି ସେକ୍ଟର-୭ ଥାନା ଅଞ୍ଚଳର ମନୋଜ ପାତ୍ରଙ୍କୁ ମଧ୍ୟ ସମାନ ଆଳରେ ସୁଜିତ ୭୯ ହଜାର ଟଙ୍କା ଠକେଇ କରିଥିଲେ। ଏ ନେଇ ମନୋଜ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୧୬୦/୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ସୁଜିତ ଯାଜପୁରରେ ନିଜ ପୈତୃକ ଗ୍ରାମରେ ଲୁଚିଥିବା ବେଳେ ପୋଲିସ ତାଙ୍କୁ ସେଠାରୁ ଗିରଫ କରିଥିଲା।

# କାର୍ଡଧାରୀଙ୍କୁ ମିଳୁନି ଉତ୍ତମ ଚିକିତ୍ସା

ରାଉରକେଲା,୧୩।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜେଲ୍ ରୋଡ୍ ରାମନଗରଠାରେ ପଶ୍ଚିମ ଓଡ଼ିଶାର ୨ଲକ୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ଓ ଶ୍ରମିକମାନଙ୍କ ଶତ ପ୍ରତିଶତ ମାଗଣା ଚିକିତ୍ସା ଲାଗି କର୍ମଚାରୀ ରାଜ୍ୟ ବୀମା ଆଦର୍ଶ ଚିକିତ୍ସାଳୟ (ଇଏସ୍ଆଇ) ସ୍ଥାପିତ ହୋଇଛି। ମାତ୍ର ପରିତାପର ବିଷୟ ୨୦୨୩ ନଭେମ୍ବରରୁ ରାଉରକେଲା ଇଏସ୍ଆଇ ମଡେଲ ହସ୍ପିଟାଲରେ ରୋଗୀସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ୨୦୨୩ ମେ ୧୭ତାରିଖରୁ ଏକ୍ସ-ରେ ମେଶିନ କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିସହ ଅଲଟ୍ରାସାଉଣ୍ଡ ମେଶିନ ଉପଲବ୍ଧ ହେଉନାହିଁ। ଫଳରେ ଇଏସ୍ଆଇ କାର୍ଡଧାରୀମାନେ ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସେବା ପାଇ ପାରୁ ନ ଥିବା ହିନ୍ଦ୍ ମଜଦୁର ସଭାର ସମ୍ପାଦକ ଦିଗମ୍ବର ମହାନ୍ତି ଅଭିଯୋଗ କରିଛନ୍ତି।

ସୂଚନାଅନୁସାରେ, ଗତବର୍ଷନଭେମ୍ବର ମାସରେ ଏଠାକାର ବିଶେଷଜ୍ଞ ଡାକ୍ତରଙ୍କୁ ଅନୁଗୋଳକୁ ପଠାଇ ଦିଆଗଲା। ଏହାକୁ ବିରୋଧ କରାଯିବାରୁ ଅନୁଗୋଳରୁ ୨ଜଣ ଡାକ୍ତର ଏଠାକୁ ମାସକକୁ ମାତ୍ର ୨ସପ୍ତାହ ପାଇଁ ଡେପୁଟେଶନରେ ଅଣାଗଲା। ଅନୁଗୋଳର ଆବଶ୍ୟକ ଡାକ୍ତର ଥାଇ ମଧ୍ୟ ରାଉରକେଲା ଇଏସ୍ଆଇ ହସ୍ପିଟାଲକୁ ଅଣଦେଖା କରିବା ଚିନ୍ତାର ବିଷୟ ବୋଲି ଦିଗମ୍ବର କହିଛନ୍ତି। ଏଥିସହ ଏଠାରେ ପୋଡାଜଳା ବିଭାଗ ନାହିଁ। ଚର୍ମରୋଗ ବିଶେଷଜ୍ଞ ସହ ଔଷଧ ବିଶେଷଜ୍ଞ ନାହାନ୍ତି। ଚକ୍ଷୁ ଓ ଦାନ୍ତ ଅସ୍ତ୍ରୋପଚାର ମଧ୍ୟ ହସ୍ପିଟାଲରେ ହେଉନାହିଁ। ଫଳରେ ରୋଗୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ରାଉରକେଲା ହେଉଛି ଖଣି ଖାଦାନ ଭରା ଶିଳ୍ପାଞ୍ଚଳ। ଏଠାରେ ଧୂଳିଧୂଆଁ ଉଡିବା ସାମାନ୍ୟ କଥା। ଫଳରେ ପ୍ରାୟ ସମୟରେ ଏଠାକାର ଖଣି ଖାଦାନରେ କାର୍ଯ୍ୟ କରୁଥିବା ଲୋକମାନେ ଆଖିଜନିତ ରୋଗରେ ପୀଡିତ ହୁଅନ୍ତି। ମାତ୍ର ସ୍ଥାନୀୟ କର୍ମଚାରୀ ଓ ଶ୍ରମିକମାନେ ଚକ୍ଷୁରୋଗ ବିଶେଷଜ୍ଞ ଅଭାବରୁ ବିବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏତଦ ବ୍ୟତୀତ ହସ୍ପିଟାଲକୁ ଆସୁଥିବା ଜରୁରୀକାଳୀନ ମାମଲା ଅନ୍ୟ ମେଡିକାଲକୁ ରେଫର କରାଯାଉଛି। ୨୦୧୯ ପୂର୍ବରୁ ଏଠାରେ ଜଣେ ଦନ୍ତ ଚିକିତ୍ସକ ଥିଲେ। ସେ ପାର୍ଟଟାଇମ ଦନ୍ତ ଚିକିତ୍ସା କରୁଥିଲେ। ମାତ୍ର ଉକ୍ତ ଚିକିତ୍ସକ ହସ୍ପିଟାଲରୁ ଯିବା ପରେ କେହି ଯୋଗ ଦେଇନାହାନ୍ତି। ଇଏସ୍ଆଇ ସମସ୍ୟା ସମାଧାନ ନ ହେଲେ ହିନ୍ଦ୍ ମଜଦୁର ସଭା ଆନ୍ଦୋଳନ କରିବ ବୋଲି ଦିଗମ୍ବର ମହାନ୍ତିଙ୍କ ସମେତ ଅମର ଆଚାର୍ଯ୍ୟ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା, ଦିଲୀପ ଜେନା ଏବଂ ବିଜୟ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ନେଇ ରାଉରକେଲା ଇଏସ୍ଆଇ ହସ୍ପିଟାଲ ଅଧୀକ୍ଷକ ଡାକ୍ତର ଜୟନ୍ତୀ ବେହେରା କୁହନ୍ତି, ଏକ୍ସରେ ମେଶିନ ଲାଗି ୨୧ ଲକ୍ଷ ଟଙ୍କା ଆବଶ୍ୟକ। ଏଣୁ ବିଳମ୍ବରେ ମେଶିନ ସଚଳ ହେବ। ୫୦ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ସବୁ ବ୍ୟବସ୍ଥା ସୁଲଭ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ମେଡିକାଲ ୭୫ ଶଯ୍ୟା ବିଶିଷ୍ଟ ହେବାର ଥିଲା। ମାତ୍ର ଜାଗା ଅଭାବରୁ ଏହା ୫୦ଶଯ୍ୟା ବିଶିଷ୍ଟ କରାଗଲା। ଆବଶ୍ୟକ ଲ୍ୟାବ୍, ଆଇସିୟୁ ପାଇଁ ଜାଗା ନାହିଁ। ଜାଗା ମିଳିଲେ ସମସ୍ତ ପ୍ରକାର ସୁବିଧା ଯୋଗାଯାଇ ପାରନ୍ତା। ସେହିପରି ହସ୍ପିଟାଲରେ ଖାଇବା ପାଇଁ ସ୍ଥାନ ନାହିଁ। ତେବେ ରୋଗୀଙ୍କ କାଟାଗୋରି ହିସାବରେ ଖାଦ୍ୟ ଉପଲବ୍ଧ କରାଯାଏ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ହସ୍ପିଟାଲରେ ଡାକ୍ତର ସମସ୍ୟା ବିଷୟରେ ଅବଗତ କରାଯାଇଛି ବୋଲି ବେହେରା କହିଥିଲେ।



ଇଏସ୍ଆଇ ମଡେଲ ହସ୍ପିଟାଲ ଫଳକ।

# ବାକ୍, ଶ୍ରବଣ ଶକ୍ତି ନ ଥାଇ ଆଙ୍କୁଛନ୍ତି ଚିତ୍ର

ରାଉରକେଲା,୧୩।୯(ବିପ୍ଳବ ରଞ୍ଜନ ଦାଶ)

**ବିରଳ ପ୍ରତିଭା ତିଲୋତ୍ତମା ଜର୍ତା**


ପରିବାର ଲୋକଙ୍କ ସହିତ ତିଲୋତ୍ତମା।

ରାଉରକେଲା ଛେଣ୍ଡ ଧାମରା ବସ୍ତିର କୁନି ପ୍ରତିଭା ହେଉଛନ୍ତି ତିଲୋତ୍ତମା ଜର୍ତା(୧୨)। ସେ ଯେତେବେଳେ ବର୍ଷକର ହୋଇଥିଲେ ସେତେବେଳେ ଗଭୀର ଆଘାତ ପାଇବାରୁ ତାର ବାକ୍ଶକ୍ତି ଓ ଶ୍ରବଣଶକ୍ତି ହଜିଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟର କଥା ସେହି କୁନି ଝିଅ ସ୍କୁଲକୁ ନ ଯାଇ କହି ଶୁଣି ନ ପାରୁଥିଲେ ମଧ ଚମତ୍କାର ଚିତ୍ରାଙ୍କନ କରିପାରୁଛନ୍ତି। ତିଲୋତ୍ତମା ଘରେ ବସି ଶ୍ରୀଜିଉ, ଶିବ ପାର୍ବତୀ, ପାହାଡ ପର୍ବତ, ଝରଣା ଆଦିର ଜୀବନ୍ତ ଚିତ୍ରମାନ ପେନସିଲରେ ଆଙ୍କି ଦେଉଛନ୍ତି। ଏଥସହ ଚିତ୍ରରେ ନିଜେ ମଧ ରଙ୍ଗତୁଳୀ ଭରୁଛନ୍ତି। ତାଙ୍କର ଏହି ବିରଳ ପ୍ରତିଭା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ତିଲୋତ୍ତମାଙ୍କ ପରିବାରରେ ବାପା ଦିଲେଶ୍ୱର(୩୩), ମା' ରଶ୍ମିତା(୩୦), ସାନ ଭାଇ ରୁଦ୍ର(୭) ଓ ବୁଢୀ ଆଈ ଅଳୀ ଗୋଛାୟତ(୬୩) ରହିଛନ୍ତି। ଆଜିକୁ ୧୦ବର୍ଷ ତଳେ ତିଲୋତ୍ତମାଙ୍କ ହାତ ପୋଡିଯାଇଥିଲା ଏବଂ ସେ ବିକଳ ହୋଇ କାନ୍ଦିବାରୁ ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ଫଳରେ ତାଙ୍କର ବାକ୍ଶକ୍ତି ଓ ଶ୍ରବଣ ଶକ୍ତି ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଯିବାରୁ ଝିଅଟି ମୁକବଧିର ପାଲଟିଗଲା। ଆର୍ଜିଏଚ୍ରେ ତାଙ୍କର ଚିକିତ୍ସା କରାଗଲା। ମାତ୍ର ସେଠାରେ ଡାକ୍ତର କହିଲେ, ଝିଅ ଉପରେ କାନ୍ଦର ଗଭୀର ଆଘାତ ପଡିଛି। ଫଳରେ ତାର ମସ୍ତିଷ୍କ ସ୍ନାୟୁକୋଷ ନିଷ୍କ୍ରିୟ ହୋଇ ଯାଇଛି। ବୟସ ବଢିଲେ ଝିଅଟି ଧୀରେ ଧୀରେ କହିବା ଶୁଣିବା ଆରମ୍ଭ କରିବ ବୋଲି ଡାକ୍ତର ଆଶ୍ୱାସନା ଦେଲେ। କହିଶୁଣି ପାରୁ ନ ଥିବା ଯୋଗୁ ତିଲୋତ୍ତମାଙ୍କ ମା' ବାପା ଝିଅକୁ ସ୍କୁଲ ଛାଡିବା ଉଚିତ ମନେ କଲେନାହିଁ। ବର୍ତ୍ତମାନ ତାଙ୍କୁ ୧୨ବର୍ଷ ହେଲାଣି। ଶ୍ରବଣଶକ୍ତି ଓ ବାକଶକ୍ତି ହରାଇଥିଲେ ମଧ ସେ ଘରେ ବସି ଚିତ୍ର ଆଙ୍କୁଛନ୍ତି। ଏହି ଗରିବ ପରିବାରକୁ ସରକାରୀ ସହାୟତା କହିଲେ ମୁକବଧିର ଝିଅକୁ ମିଳୁଛି ମାସିକ ଭତ୍ତା ଓ ରାସନ ବାବଦ ୧୦କିଲୋ ଚାଉଳ। ତେବେ ପ୍ରତିଭା ମୁତାବକ ଉଚିତ ପରିବେଶରେ ପଢିବାର ସୁଯୋଗ ମିଳିଲେ ଏହି ମୁକବଧିର ଝିଅର ପ୍ରତିଭା ବିକଶିତ ହୋଇପାରନ୍ତା ବୋଲି ପରିବାର ଲୋକେ କହିଛନ୍ତି।

# ନଭେମ୍ବର ୧୪ ସୁଦ୍ଧା ହେବ ଆର୍ଏସ୍ପି ଶ୍ରମିକ ସ୍ୱୀକୃତି ନିର୍ବାଚନ

ରାଉରକେଲା,୧୩।୯(ସଙ୍ଗୀତା ଜେନା)

**ଖବରଦାତା ସମ୍ମିଳନୀରେ ସୂଚନା ଦେଲା ବିଏମ୍ଏସ୍**

ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି) ଟ୍ରେଡ୍ ୟୁନିୟନ ସ୍ୱୀକୃତି ପାଇଁ ଗତ ୧୨ ତାରିଖରେ ଓଡ଼ିଶା ହାଇକୋର୍ଟ ୨୦୨୪ ନଭେମ୍ବର ୧୪ ତାରିଖ ସୁଦ୍ଧା ନିର୍ବାଚନ କରିବା ପାଇଁ ଆଦେଶ ଜାରି କରିଛନ୍ତି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ସେକ୍ଟର-୪ ବିଏମ୍ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ବିଏମ୍ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍ଆଇକେକେଏସ୍) ସାଧାରଣ ସମ୍ପାଦକ ହିମାଂଶୁ ବଳ ସୂଚନା ଦେଇ କହିଲେ, ଆର୍ଏସ୍ପିର ସ୍ୱୀକୃତିପ୍ରାପ୍ତ ମେଣ୍ଟ ୟୁନିୟନ ରାଉରକେଲା ଶ୍ରମିକ ସଂଘ (ଆରଏସ୍ଏସ୍) ଓ ଜିଏମ୍ଏମ୍ର କାର୍ଯ୍ୟକାଳ ୨୦୨୪ ମାର୍ଚ୍ଚ ୧୧ ତାରିଖରେ ସମାପ୍ତ ହୋଇଛି। ତୁରନ୍ତ ସ୍ୱୀକୃତି ନିର୍ବାଚନ କରିବା ପାଇଁ ଆର୍ଆଇକେକେଏସ୍ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରାଳୟ, କେନ୍ଦ୍ରୀୟ ମୁଖ୍ୟ ଶ୍ରମ ଆୟୁକ୍ତ, ଆରଏସ୍ପି କର୍ତ୍ତୃପକ୍ଷଙ୍କୁ ଚିଠି ପ୍ରଦାନ କରିଥିଲେ। ଗତ ଏପ୍ରିଲ ମାସରେ ଉପମୁଖ୍ୟ ଶ୍ରମ ଆୟୋଗ ସମସ୍ତ ୟୁନିୟନକୁ ନିର୍ବାଚନ ପାଇଁ ସହମତି ଓ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶନାମା ପାଇବା ପରେ ୧୭ଟି ୟୁନିୟନରୁ ୭ଟି ୟୁନିୟନ ସହମତି ଦେଇଥିବା ବେଳେ ୧୦ଟି ୟୁନିୟନ ନିରବ ରହିଥିଲେ। ତେବେ ଏହା ମେ ମାସ ସୁଦ୍ଧା ସମାଧାନ ହୋଇ ନ ପାରିବାରୁ ଆର୍ଆଇକେକେଏସ୍ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଆସନ୍ତା ନଭେମ୍ବର ୧୪ ତାରିଖ ସୁଦ୍ଧା ଏହି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ୨୦୨୧ ଅକ୍ଟୋବରରେ ସ୍ୱାକ୍ଷରିତ ଐତିହାସିକ କଳା ଏମ୍ଓୟୁ ଫଳରେ ଇସ୍ପାତ ଶ୍ରମିକ ଲକ୍ଷ ଲକ୍ଷ ଟଙ୍କା ହରେଇଛନ୍ତି । ୩୯ ମାସରେ ଏରିଅର ଓ ଗ୍ରାଚ୍ୟୁଇଟି ସିଲିଂ ସମସ୍ୟା ମଧ୍ୟ ସମାଧାନ ହୋଇପାରିନାହିଁ। ଏ ନେଇ ଆର୍ଆଇକକେକେଏସ୍ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି ବୋଲି ବଳ କହିଥିଲେ। ଖବରଦାତା ସମ୍ମିଳନୀରେ ରାଜେନ୍ଦ୍ର ନାଥ ମହାନ୍ତ, ଉମାକାନ୍ତ ସାମଲ, ସଞ୍ଜୀବ ପତି, ଲଳିତ ଜେନା, ବିଶ୍ୱଜିତ ଜେନା, ସୁରେନ୍ଦ୍ର କଂସାରୀ, ସମିତା ମିଶ୍ର, ବିପେନ ଶର୍ମା, ମାନସ ଦାସ, ରାଜେଶ ଦାସ, କମଳା ଧାରୁଆ, ଅଙ୍କିତା ଦାସ, ଅନୁଆରୀ ବେଗମ, ଶଙ୍କର ପ୍ରସାଦ, ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଏମ୍ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

# ରାଉରକେଲା ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ଉଦ୍ଘାଟିତ



ଟ୍ରେଡ୍ ଫେୟାର ଉଦ୍ଘାଟନ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ରାଉରକେଲା, ୧୩।୯(ସଙ୍ଗୀତା ଜେନା)

ରାଉରକେଲା ଇଣ୍ଟରନ୍ୟାଶନାଲ ଟ୍ରେଡ୍ ଫେୟାର ସେକ୍ଟର-୧୩ ମେଳଣ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ସଚେତନ ନାଗରିକ ମଞ୍ଚ ସଭାପତି ବିମଳ ବିଶି, ବରିଷ୍ଠ ଭାଜପା ନେତା ସୁକେଶୀ ଓରାମ, ପାନପୋଷ ସାଙ୍ଗଠନିକ ଭାଜପା ଜିଲା ସଭାପତି ଲତିକା ପଟ୍ଟନାୟକ, ଆୟୋଜକ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଓ ଆରଏମ୍ଏସ୍ ଆଉଟ୍ଡୋର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା, ମନୋଜ ନାୟକ, ସରୋଜ ମହାପାତ୍ର, ବିରବାହାଦୁର ସିଂହ ଏବଂ ଦିନେଶ ଭୋଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜକ ମନୋଜ ନାୟକ ସୂଚନା ଦେଇ କହିଲେ, ଏହି ଫେୟାରରେ ବିଭିନ୍ନ ଉତ୍ପାଦର ୪ଶହ ଷ୍ଟଲ୍ ରହିଛି। ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରି କରାଯାଉଛି ବୋଲି ନାୟକ କହିଥିଲେ।

# ହୋଟେଲରେ ପୋଡ଼ିହୋଇ ଯୁବତୀ ମୃତ, ପୁରୁଷବନ୍ଧୁ ଅଟକ

ରାଉରକେଲା,୧୩।୯(ସଙ୍ଗୀତା ଜେନା)

ରାଉରକେଲା ଷ୍ଟେଶନ ରୋଡ୍ସ୍ଥିତ ଏକ ଘରୋଇ ହୋଟେଲରେ ଗୁରୁବାର ପୋଡ଼ିହୋଇ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ଏ ନେଇ ପରିବାର ଲୋକେ ଶୁକ୍ରବାର ସକାଳେ ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏତଲାକୁ ଆଧାର କରି ଯୁବତୀଙ୍କ ପୁରୁଷବନ୍ଧୁ ବନପୋଷ ଅଞ୍ଚଳର ଅଜୟ କୁମାର ସାହାଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏହି ଘଟଣାରେ ଥାନାରେ ଏକ ହତ୍ୟା ମାମଲା (ନଂ.୭୨୧/୨୪) ରୁଜୁ ହୋଇଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଛି ବୋଲି ଜୋନ୍-୨ ଡିଏସ୍ପି ନିର୍ମଳ ମହାପାତ୍ର ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝରାବାହାଲ ଗ୍ରାମର ଜଣେ ଯୁବତୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁରୁବାର ରାଉରକେଲା ଆସିଥିଲେ। ଦୁହେଁ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ଏକ ଘରୋଇ ହୋଟେଲରେ ରୁମ୍ ବୁକ୍ କରି ରହିଥିଲେ। କିଛି ସମୟ ପରେ ଉକ୍ତ ରୁମ୍ରୁ ଧୂଆଁ ବାହାରୁଥିବା ଦେଖି ହୋଟେଲ କର୍ମଚାରୀମାନେ କବାଟ ଭାଙ୍ଗି ଦେଖିଲା ବେଳକୁ ଯୁବତୀ ଜଣଙ୍କ ନିଆଁରେ ଜଳୁଥିଲେ। ହୋଟେଲ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଆଇଜିଏଚ୍ ବର୍ଣ୍ଣ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ପାଇ ଯୁବତୀଙ୍କ ପରିବାରବର୍ଗ ଘଟଣାସ୍ଥଳକୁ ଆସିଥିଲେ। ପରେ ମୃତକଙ୍କ ମା' ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦେଇଥିଲେ। ତେବେ ମତଭେଦ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି ବୋଲି ଡିଏସ୍ପି ମହାପାତ୍ର କହିଛନ୍ତି। ଅପରପକ୍ଷେ ଯୁବତୀଙ୍କ ମୃତ୍ୟୁକୁ ନେଇ ନ୍ୟାୟ ଦାବିରେ କିଛି ସ୍ଥାନୀୟ ଲୋକ ଥାନାରେ ହୋହଲ୍ଲା କରିଥିଲେ।

# ଆଜି ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

ରାଉରକେଲା,୧୩।୯(ଦିନେଶ ମିଶ୍ର)

ଜଗଦାସ୍ଥିତ ଜୟଦେବ କଳାବିକାଶ କେନ୍ଦ୍ର ରାଉରକେଲା ପକ୍ଷରୁ ୭ମ ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଶନିବାର ସନ୍ଧ୍ୟା ୬ଟାରେ ମା' ବାଟ ମଙ୍ଗଳା ପୀଠ ଶକ୍ତିପୀଠ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବେ। ଏହି ଉତ୍ସବରେ ରାଜ୍ୟ ତଥା ଜାତୀୟସ୍ତରରେ ୩୦ରୁ ଉର୍ଦ୍ଧ୍ୱ ସ୍ୱନାମଧନ୍ୟ, ଅଭିଜ୍ଞ ଓ ନବୀନ କଳାକାରମାନେ ଅଂଶଗ୍ରହଣ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଜନପ୍ରିୟ ହିନ୍ଦୁସ୍ଥାନୀ କଳାକାର ପୁରୀରୁ ଗୁରୁଶ୍ରୀ ଜାମିନିକାନ୍ତ ମିଶ୍ର, ଗୁରୁଶ୍ରୀ ପ୍ରଜ୍ଞା ମିଶ୍ର, ବନାରସ ଗୁରୁ ପ୍ରିୟାଂଶୁ ଘୋଷ, କଲିକତାରୁ ଜେସିକା ଘଟକ, ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶୀ ସଙ୍ଗୀତ ମେଧାବୀ ଗବେଷିକା ନୀଳିମା ପ୍ରଧାନ, ସ୍ମୃତିରେଖା ପ୍ରଧାନ ଓ ସୁନିତା ବିଶ୍ୱାଳ ପ୍ରମୁଖ ଓଡ଼ିଶୀ କଣ୍ଠ ସଙ୍ଗୀତ ପରିବେଷଣ କରିବେ। ଭୁବନେଶ୍ୱରର ପ୍ରସିଦ୍ଧ ମାଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ କାଳନ୍ଦୀ ଚରଣ ପରିଡାଙ୍କ ସମେତ ବହୁ କଳାକାର ଏହି ସମାରୋହରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦୂରଦର୍ଶନ ଉପସ୍ଥାପକ ଡକ୍ଟର ଶ୍ରୀନିବାସ ଘଟୁଆରି ଏହି କାର୍ଯ୍ୟକ୍ରମ ଉପସ୍ଥାପନା କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡିଛି।

# ସରକାରୀ କାର୍ଯ୍ୟରେ ବିଶୃଙ୍ଖଳା ଅଭିଯୋଗ, ମାମଲା ରୁଜୁ

ରାଉରକେଲା,୧୩।୯(ସଙ୍ଗୀତା ଜେନା)

ଜଣେ ଯୁବକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍ପିସିବି)ର ରାଉରକେଲା ଆଞ୍ଚଳିକ ଅଧିକାରୀଙ୍କ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା, ଧମକ ସହ ଗାଳି ଦେବା ନେଇ ଏସ୍ପିସିବିର ଆର୍ଓ ଡ. ଅନୂପ ମଲ୍ଲିକ ଶୁକ୍ରବାର ରଘୁନାଥପାଲୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୪୫୧/୨୪) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଗୁରୁବାର ମଧ୍ୟାହ୍ନରେ ରବିନ୍ଦ୍ର ପ୍ରଧାନ ନାମକ ଜଣେ ଯୁବକ କିଛି ଲୋକଙ୍କୁ ଧରି ବିନା ଅନୁମତିରେ ଏସ୍ପିସିବି ଆଞ୍ଚଳିକ କାର୍ଯ୍ୟାଳୟରେ ପଶି ବିଶୃଙ୍ଖଳା କରିଥିବା ଏତଲାରେ ଉଲ୍ଲେଖ ରହିଛି।

# ଓଡ଼ିଆ ଅସ୍ମିତାର କର୍ଣ୍ଣଧାର ଥିଲେ ଜଗନ୍ନାଥ

ରାଉରକେଲା,୧୩।୯(ଦିନେଶ ମିଶ୍ର)

ଛେଣ୍ଡ କଳିଙ୍ଗ ବିହାର ସ୍ଥିତ ନୋ ପ୍ରେସ୍କ୍ରିପ୍ଶନ ପଏଣ୍ଟ ଓ ସ୍ୱସ୍ତି ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଓଡ଼ିଆ ଜାତିର ଚିରନମସ୍ୟ ଅତିବଡୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସଂସଦ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ସ୍ୱସ୍ତି ସାହିତ୍ୟ ସଂସଦ ସଭାପତି ମହେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ଆରମ୍ଭରେ ଡାକ୍ତର ସୁଶାନ୍ତ କୁମାର ପାଣି ଭାଗବତର ପ୍ରଥମ ସ୍କନ୍ଧ ପାଠ କରିଥିଲେ। ଅଧ୍ୟାପକ କରୁଣାକର ପାଢ଼ଶାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ରାଜ କୁମାର ମହାନ୍ତି ସଭା ସଞ୍ଚାଳନ କରିଥିଲେ। ଉତ୍ସବରେ ଡାକ୍ତର ପ୍ରଫୁଲ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିଗଭ୍ରଷ୍ଟ ସମାଜକୁ ସତ୍ମାର୍ଗ ଦେବା ପାଇଁ ଜଗନ୍ନାଥ ଦାସଙ୍କ ଭାଗବତ ଏକ ପ୍ରମୁଖ ମାର୍ଗ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଡକ୍ଟର ଅଶ୍ୱିନୀ କୁମାର ରାୟ ଯୋଗଦେଇ ଅତିବଡୀ ଜଗନ୍ନାଥ ଦାସ ତଥା ଭାଗବତର ଏହି ମହାନ ସ୍ରଷ୍ଟାଙ୍କୁ ଓଡ଼ିଆ ଅସ୍ମିତାର ମୁଖ୍ୟ କର୍ଣ୍ଣଧାର ବୋଲି ବର୍ଣ୍ଣନା କରିଥିଲେ। କବି ରାଜୀବ ପାଣି, ଡକ୍ଟର କରୁଣାକର ପାଢ଼ଶାଣୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶେଷରେ ନୋ ପ୍ରେସ୍କ୍ରିପ୍ଶନ ପଏଣ୍ଟର ସଂସ୍ଥାପକ ଡାକ୍ତର ବିଶ୍ୱଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱପ୍ନିଳ ମହାପାତ୍ର, ଚିନ୍ମୟୀ ପୁରୋହିତ, ନିରୁପମା ପତି, ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ପ୍ରଫୁଲ ଦାସ, ଅଜୟ କୁମାର ମହାନ୍ତି, ବିଶ୍ୱନାଥ ଜେନା, ଲକ୍ଷ୍ମଣନାଥ ଦାସ, ଡି. କିଶୋରୀ ଦାଶ, ହରିହର ଶତପଥୀ, କିଶୋରୀ ମୋହନ କର, ରମାକାନ୍ତ ପାଣ୍ଡେ, ବିଶ୍ୱନାଥ ଜେନା, ଭଜେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ସାମାନ୍ୟ ବର୍ଷାରେ ସ୍ମାର୍ଟସିଟି ରାସ୍ତା ଜଳାର୍ଣ୍ଣବ

ରାଉରକେଲା,୧୩।୯(ଦିନେଶ ମିଶ୍ର)


ରାଉରକେଲା ମୁଖ୍ୟ ରାସ୍ତାରେ ବର୍ଷାଜଳ ।

- ଜଳ ନିଷ୍କାସନ ପାଇଁ ନାହିଁ ସ୍ୱତନ୍ତ୍ର ବ୍ୟବସ୍ଥା
- ୨ ଦିନ ଭିତରେ ସମସ୍ୟା ଦୂର କରାଯିବ: ଉପଆୟୁକ୍ତ

ସାମାନ୍ୟ ବର୍ଷାରେ ରାଉରକେଲାର ମୁଖ୍ୟ ରାସ୍ତାରେ ବର୍ଷାଜଳ ଲହଡି ଭାଙ୍ଗୁଛି। ଏଭଳି ଦୃଶ୍ୟ ସ୍ମାର୍ଟସିଟିର ହିରୋହୋଣ୍ଡା ଶୋ'ରୁମ୍ ସମ୍ମୁଖ ମୁଖ୍ୟ ରାସ୍ତାରେ ଦେଖିବାକୁ ମିଳିଛି। ଏହି ରାସ୍ତାଟି ପାନପୋଷ ଗାନ୍ଧୀ ଛକରୁ ଉଦିତନଗର ଆମ୍ବେଡ଼କର ଛକ ଦେଇ ରାଉରକେଲା ରେଳ ଷ୍ଟେଶନ ଓ ବିଶ୍ରା ଛକକୁ ସଂଯୋଗ କରିଛି। ଏହି ରାସ୍ତା ନିକଟରେ ହିରୋହୋଣ୍ଡା ଶୋ'ରୁମ୍, ନେକ୍ସା ଶୋ'ରୁମ୍, ଆରଏନ୍ପାଲୀ ଥାନା, ପୋଷ୍ଟ ଅଫିସ, ଇପିଏଫ୍ କାର୍ଯ୍ୟାଳୟ, ମୋ ବସ୍ଷ୍ଟାଣ୍ଡ, ଏଲ୍ଆଇସି ମୁଖ୍ୟ କାର୍ଯ୍ୟାଳୟ ସାଙ୍ଗକୁ ସିଭିଲଟାଉନ୍ଶିପ୍ ଅଞ୍ଚଳ ରହିଛି। ରାଉରକେଲାର ମେନ୍ ରୋଡ୍ କୁହାଯାଉଥିବା ଏହି ରାସ୍ତାରେ ପାଣି ନିଷ୍କାସନ ପାଇଁ ସେଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ଫଳରେ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ସହରରେ ହୋଇଥିବା ୪୫ ମିନିଟ୍ ବର୍ଷାରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଏହି ରାସ୍ତା ଉପରେ ପାଣି ଜମି ରହି କୃତ୍ରିମ ପୋଖରୀ ସାଜିଛି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଶହ ଶହ ଗାଡ଼ି ଚାଳକ ହଇରାଣ ହେଉଛନ୍ତି। ଏ ନେଇ ସ୍ଥାନୀୟ ବ୍ୟବସାୟୀ ଓ ଅଞ୍ଚଳବାସୀ ରାଉରକେଲା ମହାନଗର ନିଗମ (ଆରଏମ୍ସି) କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜିଯାଏ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟରାସ୍ତାଟି ଦୀର୍ଘଦିନ ଧରି ମରାମତି ହୋଇନାହିଁ। ଉକ୍ତ ରାସ୍ତାରେ ପ୍ରତିଦିନ ଶହ ଶହ ଯାନବାହନ ଯାତାୟାତ କରୁଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇଛି। ସହରରେ ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତାରେ ପାଣି ଜମୁଛି। ଫଳରେ ଛୋଟ ଗାଡି ଯାତାୟାତ କରିବାରେ ଅସୁବିଧା ହେଉଛି। ଅନ୍ୟପଟେ ରାସ୍ତାରେ ଅଧିକାଂଶ ସମୟ ପାଣି ଜମି ରହିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଆରଏମ୍ସି ପକ୍ଷରୁ ବର୍ଷାଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯଦି ଆରଏମ୍ସି ପକ୍ଷରୁ ଉକ୍ତ ରାସ୍ତାରେ ବର୍ଷାଜଳ ନିଷ୍କାସନ କରିବା ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯାଆନ୍ତା ତେବେ ଏଭଳି ପରିସ୍ଥିତି ଉପୁଜୁ ନ ଥାନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି। ଆରଏମ୍ସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆର୍ଏମ୍ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ସ୍ମାର୍ଟସିଟିରେ ହିରୋହୋଣ୍ଡା ଶୋ'ରୁମ୍ ସମ୍ମୁଖ ମେନ୍ରୋଡ୍ର ଖାଲ ସ୍ଥାନରେ ପାଣି ଜମି ରହିବା ନେଇ ଆମ ପାଖରେ କୌଣସି ଖବର ନାହିଁ। ଯଦି ସାମାନ୍ୟ ବର୍ଷାରେ ଉକ୍ତ ସ୍ଥାନରେ ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହେଉଛି ତେବେ ଆମେ ଆସନ୍ତା ୨ ଦିନ ଭିତରେ ଉକ୍ତ ରାସ୍ତାରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବୁ ବୋଲି ନାୟକ କହିଥିଲେ।

# ମରଣଯନ୍ତା ପାଲଟିଛି ରାଜପଥ




ସମ୍ବଲପୁର ସହରର ଅଇଁଠାପାଲି ଛକ ନିକଟରେ ଜାତୀୟ ରାଜପଥ ଖାଲଖମା ହୋଇ ପାଣି ଜମି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି।

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)

ସମ୍ବଲପୁର ସହର ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ସ୍ଥାନ। ଏହି ସହରକୁ ସଂଯୋଗ କରୁଛି ଦୁଇଟି ଲେଖାଏଁ ଜାତୀୟ ଓ ରାଜ୍ୟ ରାଜପଥ। ତାହା ହେଲା ମୁମ୍ବାଇ--କୋଲକାତା ୫୩ ନମ୍ବର ଓ ସମ୍ବଲପୁର--ଅନୁଗୋଳ-କଟକ ୫୫ ନମ୍ବର ଜାତୀୟ ରାଜପଥ। ସମ୍ବଲପୁର-ରାଉରକେଲା ୧୦ନମ୍ବର ଓ ସମ୍ବଲପୁର-ସୋନପୁର ୧୫ ନମ୍ବର ରାଜ୍ୟ ରାଜପଥ। ଉକ୍ତ ରାଜପଥଗୁଡ଼ିକ ମଧ୍ୟରୁ ଜାତୀୟ ରାଜପଥ ୫୫ ଓ ରାଜ୍ୟ ରାଜପଥ ୧୦ ସମ୍ବଲପୁର ସହରର ପ୍ରବେଶ ଦ୍ୱାର ଭାବେ ପରିଚିତ ଅଇଠାପାଲିର ଉଭୟ ଛକକୁ ସଂଯୋଗ କରୁଛି। ସେଥିରୁ ଜାତୀୟ ରାଜପଥ ୫୩ ଅଇଁଠାପାଲିର ଉଭୟ ଉପର ଓ ତଳ ଛକ ଦେଇ ଯାଇଛି। ତେବେ ଉକ୍ତ ରାଜପଥର ବିଶେଷ କରି ତଳି ଛକକୁ ସଂଯୋଗ କରୁଥିବା ରାସ୍ତାଟି ଅତ୍ୟନ୍ତ ଦୁର୍ଘଟଣା ପ୍ରବଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଛକରୁ ପ୍ରାୟ ୮ ଶହ ମିଟର ଦୂରରେ ଥିବା ରେଳ ଓଭରବ୍ରିଜ ପର୍ଯ୍ୟନ୍ତ ରାସ୍ତା ଅସମତଳ ରହିଛି। ଏହି ରାସ୍ତା ଦବି ଯାଇ ସମାନ୍ତରାଳ ଭାବେ ନାଳିର ଭ୍ରମ ସୃଷ୍ଟି କରୁଛି। ଏଥିରୁ ପିଚୁ ଉଠି ନ ଥିବାରୁ ସାଧାରତଃ ଏହି ଅସମତଳତା ଦେଖା ଯାଇ ନ ଥାଏ। ମାତ୍ର ପାଖକୁ ଆସିଲେ ବା ଏହି ରାସ୍ତା ଉପରେ ବିଶେଷ କରି ଦୁଇ ଚକିଆ ଯାନ ଗଡ଼ିଲା ପରେ ଆରୋହୀ ଭାରସାମ୍ୟ ହରାଇଲା ପରେ ଏହାର ଅସମାନତାକୁ ହୃଦୟଙ୍ଗମ କରୁଛି। ଏଥିପାଇଁ ବିଭିନ୍ନ ସମୟରେ ଦ୍ରୁତଗତିରେ ଆସୁଥିବା ବାଇକ୍ ଆରୋହୀ ହଠାତ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି। ଖାଲି ସେତିକି ନୁହେଁ, ଏଭଳି ପରିସ୍ଥିତିର ସମ୍ମୁଖିନ ହୋଇ ଅନେକ ବାଇକ୍ ଆରୋହୀ ମୃତ୍ୟୁମୁଖରେ ମଧ୍ୟ ପଡ଼ିଛନ୍ତି। ତେବେ ଦୁର୍ଘଟଣାର ସମ୍ମୁଖିନ ହେଉଥିବା ବାଇକ୍ ଆରୋହୀ କେମିତି ଦୁର୍ଘଟଣାର ସମ୍ମୁଖିନ ହେଲେ ସେ ସମ୍ପର୍କରେ ଜାଣି ମଧ୍ୟ ପାରୁନାହାନ୍ତି।

■ଅସମତଳ ରାସ୍ତା ବାଇକ୍ ଆରୋହୀଙ୍କ ପାଇଁ କାଳ
■ନିର୍ମାଣ ହେବ ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର
■ଅଢ଼େଇ ବର୍ଷରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଲକ୍ଷ୍ୟ

ଖାଲି ସେତିକି ନୁହେଁ ଉକ୍ତ ଛକ ଉପରେ ଚାରି ଦିଗରେ ବଡ଼ବଡ଼ ଗର୍ତ୍ତମାନ ହୋଇ ଯାନବାହନ ଚଳାଚଳରେ ବାଧକ ସୃଷ୍ଟି କରୁଛି। କିଛିଦିନ ପୂର୍ବେ ଏହି ଛକକୁ ସଂଯୋଗ କରୁଥିବା ଚାରି ରାସ୍ତାରେ ଗତି ରୋଧକମାନ ନିର୍ମାଣ କରାଯାଇଛି। ମାତ୍ର ଏଗୁଡ଼ିକ ମଧ୍ୟ ବର୍ତ୍ତମାନ ଭଙ୍ଗା ଦଦରା ଅବସ୍ଥାରେ ରହିଛି। ଏନେଇ ସମ୍ବଲପୁରରେ ନୂତନ ଭାବେ ଯୋଗଦେଇଥିବା ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମ୍ ନାରାୟଣ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ନେଇ ସେ କହିଲେ ଯେ, ସେ ଏଠାରେ ନୂତନ ଭାବେ ଯୋଗ ଦେଇଛନ୍ତି। ମାତ୍ର ଅଇଁଠାପାଲି ଛକ ନିକଟସ୍ଥ ରାସ୍ତାର ବିପର୍ଯ୍ୟସ୍ତ ଅବସ୍ଥା ସମ୍ପର୍କରେ ସେ ଅବଗତ। ଏହି ରାଜପଥ ଉପରେ ବରାଇପାଲିରୁ ଟାଙ୍ଗରପାଲି ମଧ୍ୟରେ ପ୍ରସ୍ତାବିତ ପ୍ରାୟ ୩.୪ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଫାଏଓଭର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ରାସ୍ତାକୁ ଭଙ୍ଗାଯାଇ ନୂତନ ରାସ୍ତା ନିର୍ମାଣ ହେବ। ତେଣୁ ଏହାର ମରାମତି କରାଯାଇ ନାହିଁ। ତେବେ ଫ୍ଲାଏ ଓଭର ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ସମୟ ଲାଗିବ। ସେଥିପାଇଁ ସେ କ୍ଷେତ୍ର ପରିଦର୍ଶନ କରି ଉକ୍ତ ରାସ୍ତାର ସ୍ଥିତିକୁ ଅନୁଧ୍ୟାନ କରିଛନ୍ତି। ମିଲିଂ ମେସିନ ସାହାଯ୍ୟରେ ଏହି ରାସ୍ତାକୁ ଅସ୍ଥାୟୀ ଭାବେ ମରାମତି କରିବା ପାଇଁ ଏଠାରେ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟକୁ ଠିକାରେ ନେଇଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଛନ୍ତି। ସେ ସୂଚନା ଦେଇ କହିଛନ୍ତି ଯେ, ଏଠାରେ ନିର୍ମାଣ ହେବାକୁ ଥିବା ଫାଏଓଭର ସହିତ ସମ୍ପୂର୍ଣ୍ଣ ରାସ୍ତାର ଦୈର୍ଘ୍ୟ ୩.୪ କିଲୋମିଟର ଓ ଏହା ୬ ଲେନ୍ ବିଶିଷ୍ଟ ହେବ। ମାତ୍ର ଏଥିରେ ୧.୨ କିଲୋମିଟର ଦୈର୍ଘ୍ୟର ୬ ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ ପାଇଁ ମାଟି ପରୀକ୍ଷଣ ସମ୍ପନ୍ନ ହୋଇଛି। ଏହା ପାଛଗଛିଆ ନିକଟସ୍ଥ ଗୁରୁଦ୍ୱାର ସମ୍ମୁଖରୁ ଜାତୀୟ ରାଜପଥ(୫୩)ରେ ଅଇଁଠାପାଲିର ଉଭୟ ଉପର ଓ ତଳ ଛକ ଦେଇ ବାଲାଜୀଗ୍ରୀନ ନିକଟରେ ରେଳ ଓଭରବ୍ରିଜ୍‌କୁ ସଂଯୋଗ କରିବ ବୋଲି ସେ କହିଛନ୍ତି। ଫ୍ଲାଏଓଭର ସହ ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୧୭୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ୩୦ ମାସ(ଅଢ଼େଇ ବର୍ଷ) ମଧ୍ୟରେ ସମ୍ପନ୍ନ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଲକ୍ଷ୍ୟ ଧାର୍ଯ ହୋଇଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ସାହୁ କହିଛନ୍ତି।

# ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)

**ବନ୍ୟାଜଳ ପ୍ରବେଶ ଓ ନିଷ୍କାସନର ପରିମାଣ ସମାନ**

ହୀରାକୁଦ ଜଳଭଣ୍ଡାରରୁ ବର୍ତ୍ତମାନ ମଧ୍ୟ ୧୬ଟି ସ୍ଲୁଇସ୍‌ଗେଟ ମାଧ୍ୟମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଏହି ସମୟରେ ଜଳଭଣ୍ଡାରରେ ବନ୍ୟାଜଳ ପ୍ରବେଶ ଓ ନିଷ୍କାସନ ପରିମାଣ ସମାନ ରହିଛି। ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୮.୪୩ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧ ହଜାର ୭୧୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ସମାନ ପରିମାଣର ଅତିରିକ୍ତ ବନ୍ୟାଜଳ ନିଷ୍କାସନ ହେଉଛି। ତେବେ କେବଳ ୧୬ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୬୧ ହଜାର ୧୨୦ ଘନଫୁଟ ଜଳ ନିଷ୍କାସନ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୯୧୭ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୧୫ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି।

# ଧନକଉଡା ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର



ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ସମ୍ବଲପୁର,୧୩।୯(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଶୁକ୍ରବାର ସ୍ଥାନୀୟ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୩୦ରୁ ଅଧିକ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଥିଲେ। ଉଦ୍‌ଘାଟନୀ ଏବଂ ଉଦ୍‌ଯାପନୀ ସମାରୋହରେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସୁସ୍ମିତା ପାଟଯୋଶୀ, ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବରେ ରାମଶଙ୍କର ପଣ୍ଡା, ସୀତାଂଶୁ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଟିପିଲିମା ସରକାରୀ ଉଚ୍ଚ ବିଦ୍ୟାଳୟର ରୁପାଲୀ ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିପରି ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଅଂଶୀକା ପ୍ରଧାନ ଦ୍ୱିତୀୟ ଏବଂ ଶ୍ରୀୟା ସୌରାଂଶୀ ପାଣ୍ଡେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଅସୀମ ପ୍ରଧାନ ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୋଗଦାନ ପାଇଁ ଅର୍ଥ ବାଧକ

ସମ୍ବଲପୁର,୧୩।୯(ଭବାନୀ ଶଙ୍କର ଭୋଇ)

ମାଲେସିଆରେ ଆୟୋଜିତ ହେବାକୁ ଥିବା ୩୬ ତମ ମାଲେସିଆ ଅନ୍ତର୍ଜାତୀୟ ଓପନ ମାଷ୍ଟର ଆଥଲେଟିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଇଣ୍ଡିଆ ମାଷ୍ଟର ଆଥଲେଟିକସ ସଂଘ ପକ୍ଷରୁ ସମ୍ବଲପୁରର ରେଖା ଦେଙ୍କୁ ଚୟନ କରାଯାଇଛି। ଶୁକ୍ରବାର ଏନେଇ ରେଖା ଦେଙ୍କୁ ଇଣ୍ଡିଆ ମାଷ୍ଟର ଆଥ୍‌ଲେଟିକସ ସଂଘ ପକ୍ଷରୁ ଚିଠି ହସ୍ତଗତ ହୋଇଛି। ଚିଠି ପାଇବା ପରେ ରେଖା ଦେ ଯେତିକି ଉତ୍ସାହିତ ହୋଇଛନ୍ତି ପ୍ରତିଯୋଗିତା ପାଇଁ ହେବାକୁ ଥିବା ଖର୍ଚ୍ଚକୁ ନେଇ ସେତିକି ଚିନ୍ତିତ ମଧ୍ୟ ହୋଇପଡିଛନ୍ତି। ସମ୍ବଲପୁରର ଦୌଡରାଣୀ କୁହାଯାଉଥିବା ରେଖା ଦେ ପୂର୍ବରୁ ବିଭିନ୍ନ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ଜିତି ସୁନାମ ଅର୍ଜନ କରିଛନ୍ତି। ରେଖା ଦେ ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ କ୍ରୀଡା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅକ୍ଟୋବର ୧୨ରୁ ହେବାକୁ ଥିବା ଓପନ ମାଷ୍ଟର ଆଥଲେଟିକ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମାଲେସିଆ ଯାତ୍ରା କରିବାକୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ। ତାଙ୍କର ପରିବାର ଆର୍ଥିକ ଭାବେ ସ୍ୱଚ୍ଛଳ ନ ଥିବାରୁ ମାଲେସିଆ ଯାଇପାରିବା ନେଇ ଚିନ୍ତିତ ରହିଛନ୍ତି।

# ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୩।୯(ବି.ଶଙ୍କର)




ମା' ଝାଡେଶ୍ୱରୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

ସମ୍ବଲପୁର ଜିଲା ଧମାସ୍ଥିତ ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଯୁକ୍ତଦୁଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ଶିକ୍ଷାବିତ୍ ପ୍ରଫେସର କାମଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ସାହୁ କହିଥିଲେ ଯେ, ଅତ୍ୟାଧୁନିକ ଯୁଗରେ ଶିକ୍ଷାର୍ଥୀମାନଙ୍କ ହାତରେ ପୁସ୍ତକ ଅପେକ୍ଷା ମୋବାଇଲ ଧରି ଥିବା ଦେଖାଯାଉଛି। ଏହା ଭବିଷ୍ୟତ ସକାଶେ ଶୁଭଙ୍କର ନୁହେଁ। ତେଣୁ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ପାଠାଗାର ବ୍ୟବହାର କରିବା ଉଚିତ ବୋଲି କହିଥିଲେ। ପୂର୍ବତନ ପରିଚାଳନା ପରିଷଦର ସଭାପତି ଦିଲୀପ କୁମାର ମହାପାତ୍ର, ଉପସଭାପତି ପରମାନନ୍ଦ ସିଟ, ସମ୍ପାଦକ ରବୀନ୍ଦ୍ର ପୃଷ୍ଟିଙ୍କ ସମେତ ତ୍ରିବିକ୍ରମ ମିର୍ଦ୍ଧା, ରମେଶ ପଧାନ, ନରେଶ ଚନ୍ଦ୍ର ସେଠ, ଗୋପିରଞ୍ଜନ ବେହେରା, ଶଙ୍କର ପ୍ରସାଦ ଅଗ୍ରୱାଲ, ଦୁର୍ଯ୍ୟୋଧନ ସେଠ ସମ୍ମାନିତ ଅତିଥି ଭବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜୀବନରେ ଉନ୍ନତି କରିବାକୁ ଆହ୍ୱାନ ଦେଇଥିଲେ। ଯୁକ୍ତତିନିର ସଭାପତି ଲଳିତ ମୋହନ ଶତପଥୀ ବକ୍ତବ୍ୟ ପରିଚାଳନା କରିଥିବାବେଳେ ଯୁକ୍ତତିନିର ଅଧ୍ୟକ୍ଷ ଅନିଲ ପ୍ରଧାନ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅଧ୍ୟାପିକା ମିନତି ଦାଶ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସେହିପରି ଅଧ୍ୟାପକ ବ୍ୟାସଦେବ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଅଧ୍ୟାପକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ପରିଚାଳନା ପରିଷଦର ସଭାପତି ସ୍ୱର୍ଗତ ସୁରଞ୍ଜନ ମହାପାତ୍ରଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟାପକ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସଂସାର ପଧାନ, ଅଧ୍ୟାପିକା ସୁଦିପ୍ତା ଦାଶ, ସ୍ମାରକୀ ମାହାର, ସ୍ୱାତୀ ପତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରୀ ସେଲିନା ମହାପାତ୍ର ଶ୍ରୀମଦ ଭାଗବତ ଗୀତାର ଶ୍ଲୋକ ପାଠ କରିଥିବାବେଳେ ଅଧ୍ୟାପକ ରବିଶଙ୍କର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଖ୍ୟାତ ରାମାୟଣୀ ଭରତ ଦାସଙ୍କ ପରଲୋକ

ସମ୍ବଲପୁର,୧୩।୯(ବି.ଶଙ୍କର)



ଓଡ଼ିଶାରେ ରାମଚରିତ ମାନସର ବ୍ୟାପକ ପ୍ରଚାର ପ୍ରସାର କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ ଥିବା ପ୍ରଖ୍ୟାତ ରାମାୟଣୀ ସନ୍ଥ ଭରତ ଦାସଙ୍କ ଗୁରୁବାର ରାତି ବାରାଣାସୀରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଭରତ ଦାସଙ୍କ ବିୟୋଗରେ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରମିଳା ବହିଦାର, ଶତ୍ରୁଘ୍ନଲାଲ ଶାହା, ଗଜେନ୍ଦ୍ର ସାହୁ, ବଳରାମ ପଣ୍ଡା, ଅକ୍ଷୟ ମହାପାତ୍ର, ଜ୍ୟୋତ୍ସ୍ନା ଗୁରୁ, କନକଲତା ପାଢ଼ୀ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିହାରର ମୂଳାବାସିନ୍ଦା ଭରତ ଦାସ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିବା ପରେ ବୃନ୍ଦାବନରେ ରହି ରାମଚରିତ ମାନସ ଅଧ୍ୟୟନ କରିଥିଲେ। ଏହାପରେ ସେ ଦୀର୍ଘ ୪୦ ବର୍ଷ ଧରି ଦେଶର ବିଭିନ୍ନ ସ୍ଥାନରେ ରାମଚରିତ ମାନସ ଉପରେ ପ୍ରବଚନ ଦେଇଥିଲେ। ଏହାସହ ରାମଚରିତ ମାନସର ପ୍ରଚାର ପାଇଁ ସେ ଶ୍ରୀଭରତ ରାମଚରିତ ମାନସ ପରିଷଦ ଗଠନ କରିଥିଲେ। ସମ୍ବଲପୁର, କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବାରିପଦା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାମଚରିତ ମାନସ ଉପରେ ପ୍ରବଚନ ଦେଇଥିଲେ।

# ପାଇକାରୀ ଲୁଗା ଗୋଦାମରେ ଜିଏସ୍‌ଟି ଚଢ଼ାଉ

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)



ମିତ୍ତଲ ଟ୍ରେଡର୍ସରେ ଜିଏସ୍‌ଟି ଚଢ଼ାଉ ବେଳେ କାଗଜପତ୍ର ଯାଞ୍ଚ କରୁଛନ୍ତି ସହାକାରୀ ଆୟୁକ୍ତ।

ସମ୍ବଲପୁର କମଲିବଜାରଠାରେ ଥିବା ଏକ ପାଇକାରୀ(ହୋଲସେଲ) ଲୁଗା ବ୍ୟବସାୟୀଙ୍କ ଗୋଦାମରେ ଜିଏସ୍‌ଟି ଚଢ଼ାଉ ହୋଇଛି। ଉକ୍ତ ଲୁଗା ବ୍ୟବସାୟୀଙ୍କ ପକ୍ଷରୁ ଜିଏସ୍‌ଟି ପଇଠରେ ଅନିୟମିତତା ବା ଜିଏସ୍‌ଟି ଫାଙ୍କିଥିବା ସନ୍ଦେହରେ ସମ୍ବଲପୁର ଓ ବରଗଡ଼ର ଜିଏସ୍‌ଟି ବିଭାଗ ଓ ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଚଢ଼ାଉ ହୋଇଥିଲା। କମଲିବଜାରସ୍ଥିତ ଉଭୟ ମିତ୍ତଲ ଟ୍ରେଡର୍ସ ଓ ମିତ୍ତଲ ଏଜେନ୍ସିଜରେ ଏକସଙ୍ଗେ ଉଭୟ ଜିଲାର ଜିଏସ୍‌ଟି ବିଭାଗର ଏକ ୧୫ ଜଣିଆ ଦଳ ଚଢ଼ାଉ କରିଛନ୍ତି। ବରଗଡ଼ ସିଟି ଜିଏସ୍‌ଟି ପ୍ରବର୍ତ୍ତନ ବିଭାଗ ସହକାରୀ ଆୟୁକ୍ତ ଦିନେଶ କୁମାର ବାଗଙ୍କ ନେତୃତ୍ୱରେ ଚଢ଼ାଉକାରୀ ଦଳ ଉକ୍ତ ଅନୁଷ୍ଠାନ ଦ୍ୱୟରେ ଜିଏସଟି ସମ୍ପର୍କିତ କାଗଜପତ୍ରକୁ ଯାଞ୍ଚ କରୁଛନ୍ତି। ବ୍ୟବସାୟିକ ସଂସ୍ଥାକୁ ଲୁଗାପଟା ଆଦି ସାମଗ୍ରୀ କେଉଁଠାରୁ ଆସୁଥିଲା ବା ସଂସ୍ଥାର ମାଲିକ କେଉଁଠାରୁ କ୍ରୟ କରୁଥିଲେ କେଉଁ ଅଞ୍ଚଳରେ କେଉଁ ଦୋକାନକୁ ସେମାନେ ଯୋଗାଉ ଥିଲେ

**ଯାଞ୍ଚ ସରିଲେ ଜଣା ପଡ଼ିବ ଅନିୟମିତତା: ଜିଏସ୍‌ଟି ଆୟୁକ୍ତ**

ଏ ସମ୍ପର୍କିତ କାଗଜପତ୍ରକୁ ଚଢ଼ାଉକାରୀ ଦଳ ଯାଞ୍ଚ କରୁଛନ୍ତି। ଏପର୍ଯ୍ୟନ୍ତ ଯାଞ୍ଚ ବେଳେ ସଂସ୍ଥା ପକ୍ଷରୁ ଜିଏସ୍‌ଟି ପଇଠରେ କଣ ଅନିୟମିତତା ହୋଇଛି ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ଏ ସମ୍ପର୍କରେ ପ୍ରକ୍ରିୟା ଦେଇ ଚଢ଼ାଉର ନେତୃତ୍ୱ ନେଇଥିବା ସହକାରୀ ଆୟୁକ୍ତ ବାଗ କହିଛନ୍ତି ଯେ, ସେମାନେ କେବଳ ମିତ୍ତଲ ଟ୍ରେଡ଼ର୍ସରେ ଯାଞ୍ଚ କରିବାକୁ ଆସିଥିଲେ। ପୁଣିଥରେ ଜିଏସ୍‌ଟି ଯୁଗ୍ମ ଆୟୁକ୍ତଙ୍କ ଠାରୁ ଲିଖିତ ଅନୁମତି ପରେ ମିତ୍ତଲ ଏଜେନ୍ସିଜ୍‌ରେ ମଧ୍ୟ ଚଢ଼ାଉ କରାଯାଉଛି। ତେବେ ଯାଞ୍ଚ ପ୍ରକ୍ରିୟା ଶେଷ ହେଲାପରେ ସଂସ୍ଥା ପକ୍ଷରୁ ଯଦି ଜିଏସ୍‌ଟି ପଇଠରେ କୌଣସି ପ୍ରକାର ଅନିୟମିତତା ହୋଇଥାଏ ତାହା ଜଣାପଡ଼ିବ ବୋଲି ସହକାରୀ ଆୟୁକ୍ତ ବାଗ କହିଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ସମ୍ବଲପୁର,୧୩।୯(ପ୍ରମୋଦ ବହିଦାର)




ଡକାୟତି ଯୋଜନା କରୁଥିବାବେଳେ ଗିରଫ ୫ ଡକାୟତ।

ସମ୍ବଲପୁର ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥରେ ବୁର୍ଲାଥାନା ଅନ୍ତର୍ଗତ ଗୋଲଗୁଣ୍ଡା ନିକଟସ୍ଥ ଅଣ୍ଡରପାସରେ ଡକାୟତି ଯୋଜନା କରୁଥିବା ୫ ଡକାୟତଙ୍କୁ ଗିରଫ କରିଛି ବୁର୍ଲାଥାନା ପୋଲିସ। ଗିରଫ ଡକାୟତମାନେ ହେଲେ ବୁର୍ଲା ଗାନ୍ଧୀପଡ଼ାର ସୁଜଳ ଓରଫ ଶିବାନନ୍ଦ ସ୍ୱାଇଁ(୨୨), ବିଷ୍ଣୁ ମନ୍ଦିରପଡ଼ାର ମହମ୍ମଦ ସୁଲେମାନ(୨୬) ଓ ସୁଧାଂଶୁ ଛତ୍ରିଆ(୨୨), ହୀରାକୁଦ ବଙ୍ଗମୁଣ୍ଡାର ସମୀରାଜ ଲୁଗୁନ(୨୩) ଏବଂ କ୍ଷେତରାଜପୁର ଥାନା ଦୁର୍ଗାପାଲିର ଉତ୍ତମ ବଗର୍ତ୍ତି(୨୫)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଦୁଇଟି ଲୁହାଛଡ଼, ଦୁଇ ପ୍ୟାକେଟ୍ ଲଙ୍କାଗୁଣ୍ଡକୁ ପୋଲିସ ଜବତ କରିଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ବିଳମ୍ବିତ ରାତିରେ ଗୋଲଗୁଣ୍ଡା ଅଣ୍ଡରପାସ ତଳେ ବସି ମାରଣାସ୍ତ୍ରରେ ସଜ୍ଜିତ ଉକ୍ତ ୫ଜଣ ଡକାୟତି ପାଇଁ ଯୋଜନା କରୁଥିଲେ। ଏ ସମ୍ପର୍କରେ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୁର୍ଲାଥାନା ପୋଲିସ ସେଠାରେ ପହଞ୍ଚି ଅତର୍କିତ ଚଢ଼ାଉ କରି ସମସ୍ତ ଡକାୟତଙ୍କୁ ଗିରଫ କରିଥିଲା। ଥାନାକୁ ଆଣି ପଚରା ଉଚରା ପରେ ସେମାନେ ଏକ ବଡ଼ଧରଣର ଡକାୟତି ଘଟଣାକୁ ରୂପ ଦେବାକୁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ସମସ୍ତଙ୍କ ଡକାୟତଙ୍କ ବିରୋଧରେ ବୁର୍ଲାଥାନାରେ ଏକ ମାମଲା (ନଂ.୪୩୦/୨୦୨୪) ରୁଜୁ ହୋଇଛି। ଡକାୟତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସେଥିମଧ୍ୟରେ ଶିବାନନ୍ଦ ସ୍ୱାଇଁ ନାମରେ ବୁର୍ଲା ଥାନାରେ ୧୬ଟି ମାମଲା ରହିଥିବାବେଳେ ସୁଧାଂଶୁ ଛତ୍ରିଆ ନାମରେ ୨ଟି, ମହମ୍ମଦ ସୁଲେମାନ ନାମରେ ୬ଟି ମାମଲା ବିଚାରାଧୀନ ରହିଛି। ଉତ୍ତମ ବଗର୍ତ୍ତି ନାମରେ କ୍ଷେତରାଜପୁର, ରେଢ଼ାଖୋଲ ଓ ଠେଲକଲେଇ ଥାନାରେ ୫ଟି ମାମଲା ବିଚାରାଧିନ ରହିଛି ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

